## ପ୍ରଥମ ଅଧ୍ୟାୟ

# ମଣ୍ଡଳୀ ଅର୍ଥ

## (Meaning of the Church)

ଆମେ ସମସ୍ତେ ଜାଣୁ, ବାଇବାଲ ଗୋଟିଏ ମଣ୍ଡଳୀ ବିଷୟରେ ସାକ୍ଷ୍ୟ ଦିଏ । କିନ୍ତୁ କେଉଁ ମଣ୍ଡଳୀ, କାହାର ମଣ୍ଡଳୀ, ଏପରି ଅନେକ ପ୍ରଶ୍ନ ଉଠେ । ଏପରି ପ୍ରଶ୍ନର ଉତ୍ତର ଜାଣିବା ପୂର୍ବେ, ପ୍ରଥମେ ମଣ୍ଡଳୀର ଅର୍ଥ କ'ଣ ବୁଝିବା । ବାଇବଲରେ ବର୍ଣ୍ଣିତ ମଣ୍ଡଳୀ କାଥଲିକ୍, ପ୍ରଟେଷ୍ଟା କିମ୍ବା ଯିହୂଦୀ ନୁହେଁ । ଏହା ଖ୍ରୀଷ୍ଟିୟ ମତ ଶାଖା (Denomination), ରାଜକୀୟ ସଂସ୍ଥା, ସାମାଜିକ ସଂସ୍ଥା, ଜାଗତିକ ସମ୍ମିଳନ ସ୍ଥାନ ମଧ୍ୟ ନୁହେଁ । ତାହାହେଲେ ଏହା କ'ଣ ? ଅଧିକାଂଶ ଲୋକେ ମଣ୍ଡଳୀର ପ୍ରକୃତ ଅର୍ଥ ଜାଣନ୍ତି ନାହିଁ । ତେଣୁ କରି ମଣ୍ଡଳୀର ଲକ୍ଷ୍ୟ, ଏହାର ପ୍ରଧାନ୍ୟତା କିମ୍ବା ଏହାର କାର୍ଯ୍ୟ ବୁଝିପାରନ୍ତି ନାହିଁ, କିନ୍ତୁ ବାଇବଲରେ ମଣ୍ଡଳୀର ଅର୍ଥ ସରଳ ଭାବେ ବୁଝାଇ ଦିଏ । 'ମଣ୍ଡଳୀ' ଏ ଶବ୍ଦ ଗ୍ରୀକ୍ ଭାଷା 'ଇକ୍ଳେସିଆ'ରୁ ଆନୀତ, ଯାହାର ଅର୍ଥ 'ଆହ୍ୱାନ ପ୍ରାପ୍ତ' । ଅତଏବ, 'ମଣ୍ଡଳୀ' ଜଗତରୁ ଈଶ୍ୱରଙ୍କ ପ୍ରିୟ ପୁତ୍ରଙ୍କ ରାଜ୍ୟକୁ ଆହ୍ୱାନପ୍ରାପ୍ତ ଲୋକଙ୍କ ଦ୍ୱାରା ଗଠିତ (କଲସୀୟ ୧ : ୧୩) । ଏହା ଖ୍ରୀଷ୍ଟଙ୍କ ଆତ୍ମିକ ଶରୀର (୧ମ କରିନ୍ଥୀ ୧୨:୨୭), ତାଙ୍କ ଆଜ୍ଞାକାରୀମାନଙ୍କ ଦ୍ୱାରା ଗଠିତ (ଏବ୍ରୀ ୫:୮ ୯) ଏବଂ ତାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ମଣ୍ଡଳୀରେ ସଂଯୁକ୍ତ (ମାର୍କ ୧୬:୧୬, ପ୍ରେରିତ ୨:୪୭) ଲୋକେ ହୁଅନ୍ତି । ସଂକ୍ଷିପ୍ତରେ ଖ୍ରୀଷ୍ଟଙ୍କ ଅନୁସରଣକାରୀମାନଙ୍କ ଦ୍ୱାରା ମଣ୍ଡଳୀ ଗଠିତ ।



ବାଇବଲରେ ମଣ୍ଡଳୀର ଅର୍ଥ ଦୁଇ ପ୍ରକାର ଭାବରେ ଦେଖାଯାଏ । ପ୍ରଥମେ ସାର୍ବଜନୀନ ଭାବ (Universal Sense) । ଯାହା ଖ୍ରୀଷ୍ଟଙ୍କ ମନରେ ଥିଲା, ସେ କହିଲେ, "ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।" (ମାଥିଉ ୧୬:୧୮) । ଆହୁରି ଅନେକ ବାକ୍ୟ ଅଛି, ଯେଉଁଥିରେ ମଣ୍ଡଳୀର ଏହି ଭାବ ପ୍ରକାଶ ପାଏ । ତାହାହେଲେ ଆମେ ଯେଉଁ ମଣ୍ଡଳୀ ଏହି ପୃଥିବୀରେ ଦେଖୁଅଛୁଁ, ଯଦି ତାହା ବାଇବଲ ମଣ୍ଡଳୀ, ତାହା ଯୀଶୁଙ୍କ ଦ୍ୱାରା କଥିତ । ଦ୍ୱିତୀୟରେ, ମଣ୍ଡଳୀର ସ୍ଥାନୀୟ ଭାବ (Local Sense) ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ ପାଉଲ ରୋମୀୟ ମଣ୍ଡଳୀକୁ ଏପରି ଲେଖନ୍ତି "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି " (ରୋମୀୟ ୧୬:୧୬) । ଏହାର ଅର୍ଥ ନୁହେଁ ଯେ, ସେ ସବୁ ଅନେକ ଖ୍ରୀଷ୍ଟୀୟ ମତଶାଖା (denomination), ମିଳିତ ହୋଇ, କିନ୍ତୁ କେତେକ ଖ୍ରୀଷ୍ଟଙ୍କ ମଣ୍ଡଳୀ ମିଳିତ ହୋଇ ନମସ୍କାର ଜଣାଉ ଅଛନ୍ତି । ତେଣୁକରି ବାଇବଲରେ, କରିନ୍ଥୀରେ ଥିବା ମଣ୍ଡଳୀ, ଏଫିସିରେ ଥିବା ମଣ୍ଡଳୀ, ଫିଲିପିରେ ଥିବା ମଣ୍ଡଳୀ ବୋଲି ମଣ୍ଡଳୀ ବୋଲି ସ୍ପଷ୍ଟଭାବେ ଲିଖିତ ହୋଇଅଛି । (୧ମ କରିନ୍ଥୀ ୧:୨, ଏଫିସି ୧:୧, ଫିଲିପି ୧:୧) ଅନେକ ଏହା ବୁଝିବାକୁ ଅସମର୍ଥ କାରଣ ସେମାନେ ମଣ୍ଡଳୀକୁ ଖ୍ରୀଷ୍ଟୀୟ ମତଶାଖା (denomination) ଜାଣନ୍ତି । କିନ୍ତୁ ଏହି ଖ୍ରୀଷ୍ଟିୟ ମତଶାଖା ବାଇବଲରେ ଦେଖିବାକୁ ମିଳେ ନାହିଁ । ପୂର୍ବ ବର୍ଣ୍ଣିତ ସ୍ଥାନୀୟ ମଣ୍ଡଳୀ ଗୁଡିକ ଭିନ୍ନ ଭିନ୍ନ ହେଲେ ହେଁ, ପ୍ରଭୁଙ୍କଠାରେ ଏକ । ଏହା ମଣ୍ଡଳୀର ସାର୍ବଜନୀନ

ଭାବ ପ୍ରକାଶ କରେ । ଖ୍ରୀଷ୍ଟିୟ ମତଶାଖା ଭାବ (denomination) ତ୍ୟାଗ କଲେ, ଆମେ ବାଇବଲରେ ଥିବା ଈଶ୍ୱରଙ୍କ ଦଳ ମଣ୍ଡଳୀକୁ ସ୍ପଷ୍ଟଭାବେ ଦେଖିପାରିବା ।

ଆହୁରି ସରଳ ଭାବେ, ବାଇବଲ ମଣ୍ଡଳୀକୁ ଏପରି ବର୍ଣ୍ଣନା କରେ । ଯଥା:-

୧. ଖ୍ରୀଷ୍ଟଙ୍କ ଶରୀର । ଏହା ଖ୍ରୀଷ୍ଟଙ୍କ ଆତ୍ମୀକ ଶରୀର ଏବଂ ଖ୍ରୀଷ୍ଟ ଏହାର ମସ୍ତକ ସ୍ୱରୂପ (୫:୨୩) ଏକମାତ୍ର ଶରୀର (ଏଫିସି ୪:୪) ଓ ସେହି ଶରୀର ମଣ୍ଡଳୀ ଅଟେ (କଲସୀ ୧:୧୮) ।
୨. ଈଶ୍ୱରଙ୍କ ଗୃହ । ବାକ୍ୟରେ ବର୍ଣ୍ଣିତ ଗୃହଭାବ ଏକ ପରିବାର । ଅର୍ଥାତ୍ ମଣ୍ଡଳୀ ପ୍ରଭୁଙ୍କ ପରିବାର । ୧ମ ତୀମଥି ୩:୧୫ରେ ପାଉଲ ଈଶ୍ୱରଙ୍କ ଗୃହ ଅର୍ଥାତ୍ ଈଶ୍ୱରଙ୍କ ମଣ୍ଡଳୀ ବୋଲି କହନ୍ତି । ଈଶ୍ୱର ଆମ୍ଭମାନଙ୍କ ପିତା ଓ ଆମ୍ଭେମାନେ ତାଙ୍କର ସନ୍ତାନ (ଗାଲାତି ୩:୨୬,୨୭, ଏଫିସି ୩:୩) ।
୩. ଈଶ୍ୱରଙ୍କ ରାଜ୍ୟ । ରାଜ୍ୟ, ଜଣେ ରାଜାଙ୍କର ବୋଲି ସୂଚନା ଦିଏ । ତେଣୁ ଖ୍ରୀଷ୍ଟଙ୍କ ହିଁ ସେହି ରାଜା ଅଟନ୍ତି । (ପ୍ରକାଶିତ ୧୭:୧୪) । କିନ୍ତୁ ରାଜା ପାଇଁ ଗୋଟିଏ ରାଜ୍ୟର ଅସ୍ତିତ୍ୱ ଆବଶ୍ୟକ। ଆଉ ସେହି ରାଜ୍ୟ ମଣ୍ଡଳୀ (ପ୍ରେରିତ ୮:୧୨), ଆମେ ତାଙ୍କ ପ୍ରଜା ପୃଥିବୀ ତା'ର ସୀମା ଓ ନୂତନ ନିୟମ ତା'ର ଚଟାଣ।
୪. ପ୍ରଭୁଙ୍କ ଦ୍ରାକ୍ଷାକ୍ଷେତ୍ର । ଖ୍ରୀଷ୍ଟ ଦ୍ରାକ୍ଷାଲତା ଓ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତା'ର ଶାଖା (ଯୋହନ ୧୫:୧-୮) ।



ଅର୍ଥାତ୍ ପ୍ରତ୍ୟେକ ଖ୍ରୀଷ୍ଟିୟାନ ସେହି ଦ୍ରାକ୍ଷାକ୍ଷେତ୍ରରେ କାମକରି ତାଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବାକୁ ହେବ ।

ଏହା ମଣ୍ଡଳୀର ସଂଜ୍ଞା । ଦୟାକରି ଉପରଲିଖିତ ଅଂଶ ବାଇବଲର ବାକ୍ୟ ସହିତ ଆପେ ପରଖି ଦେଖନ୍ତୁ । ଖ୍ରୀଷ୍ଟ ମଣ୍ଡଳୀକୁ ସେପରି ଭାବେ ଗଢ଼ିଅଛନ୍ତି, ସେପରି ଭାବେ ଆମେ ଯଦି ମଣ୍ଡଳୀକୁ ଦେଖିପାରିବା, ଆମର ପୁରା ମନୋଭାବ ବଦଳି ଯିବ ।

**ପ୍ରଶ୍ନ :-**

(ହଁ କିମ୍ବା ନାଁ ରେ ଉତ୍ତର ଦିଅନ୍ତୁ ।)

୧. ବାଇବଲ ଗୋଟିଏ ମଣ୍ଡଳୀ ବିଷୟରେ କହେ ...
୨. ତାହା କାଥଲିକ୍ ମଣ୍ଡଳୀ ...
୩. ଅଧିକାଂଶ ଲୋକେ ମଣ୍ଡଳୀର ଅର୍ଥ ବୁଝନ୍ତି ...
୪. ବାଇବଲ ମଣ୍ଡଳୀର କେବଳ ଗୋଟିଏ ଭାବ ବର୍ଣ୍ଣନା କରେ ...
୫. ଖ୍ରୀଷ୍ଟ କହିଲେ, ସେ ମଣ୍ଡଳୀ ଗୁଡିକ ଗଠନ କରିବେ ...
୬. ଏସିଆରେ ଥିବା ସାତଟି ମଣ୍ଡଳୀ, ସାତଟି ଭିନ୍ନ ଖ୍ରୀଷ୍ଟୀୟ ମତଶାଖା (denomination)କୁ ବୁଝାଏ ...
୭. ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ...
୮. ଏକମାତ୍ର ଶରୀର ରହିଅଛି ..
୯. ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ ...
୧୦. ଖ୍ରୀଷ୍ଟଙ୍କ ରାଜ୍ୟ ଏପର୍ଯ୍ୟନ୍ତ ଆସିନାହିଁ ...

**ଦୟାକରି ସଠିକ୍ ଉତ୍ତର ଦିଅନ୍ତୁ :-**

୧. ମଣ୍ଡଳୀ କ'ଣ ନୁହେଁ ?
୨. କେଉଁ ଗ୍ରୀକ୍ ଶବ୍ଦରୁ 'ମଣ୍ଡଳୀ' ଆନୀତ ?
୩. ମଣ୍ଡଳୀ କେଉଁମାନଙ୍କ ଦ୍ୱାରା ଗଠିତ ।
୪. କେଉଁ ଦୁଇଟି ଭାବରେ ମଣ୍ଡଳୀ ବର୍ଣ୍ଣିତ ?
୫. କିଏ ନିଜ ମଣ୍ଡଳୀ ତୋଳିବି କହିଥିଲେ ?
୬. କେତୋଟି ମଣ୍ଡଳୀ ସେ ଗଢ଼ିଥିଲେ ?
୭. ଏସିଆର ସାତଟି ମଣ୍ଡଳୀ ଗୁଡିକ କ'ଣ ?
୮. କେତୋଟି ଶରୀର ଅଛି ?
୯. ରାଜାମାନଙ୍କ ରାଜା କିଏ ?
୧୦. ପ୍ରଭୁଙ୍କ ଦ୍ରାକ୍ଷାକ୍ଷେତ୍ରରେ ଆମକୁ କ'ଣ କରିବାକୁ ପଡିବ ।

ସଂକ୍ଷିପ୍ତ ଭାବେ ବର୍ଣ୍ଣନା କରନ୍ତୁ :-

୧. ଇକ୍ଲେସିଆ ।
୨. ଖ୍ରୀଷ୍ଟଙ୍କ ଶରୀର ।
୩. ଈଶ୍ୱରଙ୍କ ଗୃହ ।
୪. ଈଶ୍ୱରଙ୍କ ରାଜ୍ୟ ।
୫. ଈଶ୍ୱରଙ୍କ ଦ୍ରାକ୍ଷାକ୍ଷେତ୍ର ।

❖❖❖



## ଦ୍ୱିତୀୟ ଅଧ୍ୟାୟ

# ମଣ୍ଡଳୀ ଅବତରଣ

**(The Coming of the Church)**

ମଣ୍ଡଳୀ ଅବତରଣ ବା ପ୍ରତିଷ୍ଠା ଅକସ୍ମାତ୍ ହୋଇ ନ ଥିଲା । ଏହା ପୂର୍ବରୁ ଯୋଜିତ, ଭବିଷ୍ୟତ ବାଣୀ ଦ୍ୱାରା ପ୍ରକାଶିତ ଓ ପ୍ରତିଜ୍ଞାତ ହୋଇ ପରେ ପ୍ରତିଷ୍ଠିତ ହୋଇଥିଲା । ଏହି ବିଷୟ ଧର୍ମଶାସ୍ତ୍ର ବାଇବଲରେ ସ୍ପଷ୍ଟଭାବେ ଦେଖିବାକୁ ।

ପ୍ରଥମେ ଏହା ଈଶ୍ୱରଙ୍କ ମନରେ ଥିଲା । ଯେପରି ପାଉଲ କହନ୍ତି, "ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଅର୍ଥାତ୍ ଆମ୍ଭମାନଙ୍କ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି, ଅର୍ଥାତ୍ ଆମ୍ଭେମାନେ ସେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉଁ, ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ । ପୁଣି ସେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରୁ ନିରୂପଣ କଲେ । ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି, ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି (ଏଫିସି ୧:୩-୬) । ଏଥିରେ ପାଉଲ ଏଫିସି ମଣ୍ଡଳୀକୁ କହନ୍ତି ଯେ, ଈଶ୍ୱର ସେମାନଙ୍କୁ ଜଗତର ପତନ ପୂର୍ବେ ମନୋନୀତ କରିଥିଲେ । ଅର୍ଥାତ୍ ଜଗତର ସୃଷ୍ଟି ପୂର୍ବେ, ମଣ୍ଡଳୀ ଈଶ୍ୱରଙ୍କ ଆଲୋଚନାରେ ଥିଲା ଏବଂ ମଣ୍ଡଳୀ ପ୍ରଥମେ

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ବୋଲି ପ୍ରମାଣିତ ହୁଏ । ଈଶ୍ୱରଙ୍କ ଦ୍ୱାରା ପୂର୍ବରୁ ଯୋଜିତ ବିଷୟକୁ ନ୍ୟୁନଜ୍ଞାନ କରିବା, କେତେ ନିର୍ବୋଧର ବିଷୟ ।"

ଦ୍ୱିତୀୟରେ, ମଣ୍ଡଳୀ ଅନେକ ସମୟରେ ବବିଷ୍ୟତ ବାଣୀ ଦ୍ୱାରା ପ୍ରକାଶିତ ହୋଇଥିଲା । ଯିଶାଇୟ କହିଲେ, "ଶେଷ କାଳରେ ଏ ରୂପେ ଘଟିବ । ସଦାପ୍ରଭୁଙ୍କ ଗୃହରେ ପର୍ବତ, ପର୍ବତ ଗଣତ ଶିଖର ଉପରେ ସ୍ଥାପିତ ହେବ ଓ ଉପ ପର୍ବତଗଣ ଅପେକ୍ଷା ଉଚ୍ଚୀକୃତ ହେବ, ଆଉ ସମୁଦାୟ ଗୋଷ୍ଠୀ ସ୍ରୋତପରି ତହିଁ ମଧ୍ୟକୁ ଆସିବ ।" (ଯିଶାଇୟ ୨:୨) । ଯୋୟେଲ ବ୍ୟକ୍ତ କଲେ, "ପୁଣି ତହିଁରେ ଉତ୍ତାରେ ଆମ୍ଭେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢ଼ାଳିବା, ତହିଁରେ ତୁମ୍ଭମାନଙ୍କ ପୁତ୍ରଗଣ ଓ କନ୍ୟାଗଣ ଭବିଷ୍ୟତ ବାକ୍ୟ ପ୍ରଚାର କରିବେ, ତୁମ୍ଭମାନଙ୍କର ବୃଦ୍ଧମାନେ ସ୍ୱପ୍ନ ଦେଖିବେ, ତୁମ୍ଭମାନଙ୍କ ଯୁବାମାନେ ଦର୍ଶନ ପାଇବ । ଆଉ ସେ ସମୟରେ ମଧ୍ୟ ଆମ୍ଭେ ଦାସଦାସୀ ଗଣର ଉପରେ ଆପଣାର ଆତ୍ମା ଢ଼ାଳିବା ।" (ଯୋୟେଲ ୨:୨୮-୨୯) । ପରେ ଦାନିୟେଲ କହିଲେ, "ପୁଣି ସେହି ରାଜ୍ୟଗଣର ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ, ତାହା କଦାପି ବିନଷ୍ଟ ହେବନାହିଁ, କି ଅବା ତହିଁର ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହସ୍ତରେ ଛଡାଯିବ ନାହିଁ, ମାତ୍ର ତାହା ଏହିପରି ରାଜ୍ୟକୁ ଖଣ୍ଡ ୨ ଓ ନଷ୍ଟ କରି ଆପେ ଆପେ ଚିରସ୍ଥାୟୀ ହେବ ।" (ଦାନିୟେଲ ୨:୪୪) । ଉପର ଲିଖିତ ବାକ୍ୟରୁ କେତୋଟି ସିଦ୍ଧାନ୍ତ ପାଇପାରୁ । ଯଥା :-

୧. ଶେଷ ଦିନରେ ରାଜ୍ୟ ସ୍ଥାପିତ ହେବ ।
୨. ଏହା ପର୍ବତ ଉପରେ ସ୍ଥାପିତ ହେବ ।



୩. ସମସ୍ତ ଜାତି ଏହା ମଧ୍ୟକୁ ବହି ଆସିବେ ।
୪. ଈଶ୍ୱର ଆପଣା ଆତ୍ମା ସମସ୍ତଙ୍କ ଉପରେ ଢ଼ାଳିବେ ।
୫. ଏହା ଚତୁର୍ଥ ସାମ୍ରାଜ୍ୟ ସମୟରେ ପ୍ରତିଷ୍ଠିତ ହେବ ।
୬. ଏହା ଅନ୍ୟ ସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ ଓ ନଷ୍ଟ କରି ଆପେ ଚିରସ୍ଥାୟୀ ହେବ । ଏହି ସବୁ କେବେ ଘଟିଥିଲା ? ପ୍ରେରିତ ୨ୟ ଅଧ୍ୟାୟ ପଢ଼ନ୍ତୁ । ଦ୍ୱିତୀୟରେ, ମଣ୍ଡଳୀ ପ୍ରତିଜ୍ଞାତ ଥିଲା । ଯୋହନ କହିଲେ, ଏହା ସନ୍ନିକଟ (ମାଥିଉ ୩:୨) ଅର୍ଥାତ୍ ଏହା ସନ୍ନିକଟ କିମ୍ବା ପ୍ରତିଷ୍ଠିତ ହେବ । ଖ୍ରୀଷ୍ଟ ପ୍ରତିଜ୍ଞା ଦେଲେ, "ଆଉ ମୁଁ ମଧ୍ୟ ତୁମକୁ କହୁଅଛି, ତୁମ୍ଭେ ପିତର, ପୁଣି ପଥର ଉପରେ ମୁଁ ଆପଣ ମଣ୍ଡଳୀ ତୋଳିବି ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।" (ମାଥିଉ ୧୬:୧୮) । "ପୁନଶ୍ଚ ସେ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କୁ ସତ୍ୟ କହୁଅଛି । ଈଶ୍ୱରଙ୍କ ରାଜ୍ୟକୁ ପରାକ୍ରମରେ ଉପସ୍ଥିତ ନଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା । ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାର ମୃତ୍ୟୁର ଆସ୍ୱାଦନ ପାଇବ ନାହିଁ ।" (ମାର୍କ ୯;୧) । "ଆଉ ସେମାନଙ୍କୁ କହିଲେ ଏହି ପ୍ରକାରେ ଲେଖାଅଛି । ଖ୍ରୀଷ୍ଟ ଦୁଃଖଭୋଗ କରିବେ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନରଥାନ କରିବେ। ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଆତଙ୍କ ନିକଟରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ । ଆଉ ଦେଖ, ମୋହର ପିତା ଯାହାଙ୍କ ପ୍ରତିଜ୍ଞା କରିଅଛନ୍ତି, ତାହା ମୁଁ ତୁମ୍ଭମାନଙ୍କ ନିକଟରୁ ପଠାଉଅଛି, କିନ୍ତୁ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତା ନ ହେବା ପର୍ଯ୍ୟନ୍ତ ତୁମ୍ଭମାନେ ଏହି ନଗରୀରେ ରହିଥାଏ ।" (ଲୁକ ୨୪:୪୬-୪୯) ।

ଏବେ କେତୋଟି ବିଷୟ ଲକ୍ଷ୍ୟ କରନ୍ତୁ :-

୧. ରାଜ୍ୟ ସନ୍ନିକଟରେ ଥିଲା ।

୨. ଖ୍ରୀଷ୍ଟ, ମୃତ୍ୟୁଭୋଗ କରି ଏହାକୁ ପ୍ରତିଷ୍ଠା କରିବେ ବୋଲି ପ୍ରତିଜ୍ଞା କରିଥିଲେ ।

୩. ଏହା ପ୍ରତିଷ୍ଠିତ ହେବା ସମୟରେ ଖ୍ରୀଷ୍ଟ ଜଗତରେ ରହୁଥିବା ସମୟର କେତେକ ଲୋକ ମୃତ୍ୟୁଭୋଗ କରି ନଥିବେ ।

୪. ଏହା ଶକ୍ତିର ସହ ଆସିବାର ଥିଲା ।

୫. ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପ କ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବାର ଥିଲା ।

୬. ଏହା ଯିରୁଶାଲମରେ ଆରମ୍ଭ ହେବାର ଥିଲା ।

୭. ପ୍ରେରିତମାନେ, ଯିରୁଶାଲମରେ ଥିବା ବେଳେ, ଊର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବାର ଥିଲା ।

ଦୟାକରି ଏହିସବ ବିଷୟ ମନେ ରଖନ୍ତୁ । ଏହି ମଣ୍ଡଳୀ ସ୍ଥାପନ କିପରି ହେଲା, ଏହା ବୁଝିବାରେ ସାହାଯ୍ୟ କରିବ ।

ଏବେ ପ୍ରେରିତ ୨ୟ ଅଧ୍ୟାୟ ଦେଖିବା । ମନ ଦେଇ ଅନେକ ଥର ପଢ଼ନ୍ତୁ । ସମସ୍ତ ବାଇବଲ ଅଧକ୍ଷମାନେ, ମଣ୍ଡଳୀ ଏହି ସମୟରେ ପ୍ରତିଷ୍ଠିତ ହୋଇଥିଲା ବୋଲି ବିଶ୍ୱାସ କରନ୍ତି । ପୁଣି, ସ୍ଥାନ ଯିରୁଶାଲମ ଥିଲା । ସମୟ ଶେଷକାଳ, ରୋମୀୟ ସାମ୍ରାଜ୍ୟର ଦିନ, ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ସମସ୍ତ ଜାତି ନିକଟରେ ଘୋଷଣା କରାଗଲା ଏବଂ ମଣ୍ଡଳୀ ଚିରସ୍ଥାୟୀ ନିମନ୍ତେ ସ୍ଥାପିତ ହେଲା । ତେଣୁକରି, ଈଶ୍ୱରଙ୍କ ନାମରେ ଥିବା ମଣ୍ଡଳୀ ସ୍ଥାପିତ ହେଲା, ଏହି ବିଷୟରେ ହୋଇଥିବା



ଭବିଷ୍ୟତ ବାଣୀ ସଫଳ ହେଲା ଏବଂ ପ୍ରତିଜ୍ଞା ସବୁ ସଂପୂର୍ଣ୍ଣ ହେଲା ।

**ପ୍ରଶ୍ନ :-**

୧. କେଉଁଠି ପ୍ରଥମେ ମଣ୍ଡଳୀ ପ୍ରତିଷ୍ଠା ହୋଇଥିଲା ?

୨. କେବେ ଈଶ୍ୱର ମଣ୍ଡଳୀକୁ ମନୋନୀତ କଲେ ?

୩. ତିନୋଟି ଭବିଷ୍ୟତବକ୍ତା, ଯେଉଁମାନେ ମଣ୍ଡଳୀର ଆଗମନ ବିଷୟରେ ଭବିଷ୍ୟତ ବାଣୀ କହିଥିଲେ, ତାଙ୍କର ନାମ ଦିଅନ୍ତୁ ।

୪. କେବେ ଯାଏଁ ଏହି ରାଜ୍ୟ ରହିବ ? ୫. କେବେ ମଣ୍ଡଳୀ ପ୍ରତିଷ୍ଠା କରିବାକୁ ପ୍ରତିଜ୍ଞା କରିଥିଲେ ?

୬. କାହାର ମଣ୍ଡଳୀ ପ୍ରତିଷ୍ଠା କରିବାକୁ ସେ ପ୍ରତିଜ୍ଞା କରିଥିଲେ ?

୭. କେତୋଟି ମଣ୍ଡଳୀ ପ୍ରତିଷ୍ଠା କରିବାକୁ ପ୍ରତିଷ୍ଠା କରିଥିଲେ ?

୮. ରାଜ୍ୟ କିପରି ଆସିବାର ଥିଲା ?

୯. କେଉଁ ବିଷୟ ଯିରୁଶାଲମରେ ପ୍ରଚାର କରାଯିବାର ଥିଲା ?

୧୦. ମଣ୍ଡଳୀର ସ୍ଥାପନ ବିଷୟ ବାଇବଲରେ କେଉଁଠି ଲେଖାଅଛି ?

ସତ ବା ମିଥ୍ୟା କହନ୍ତୁ :-

୧. ମଣ୍ଡଳୀ ଆଲୋଚନା କରାଯାଇଥିଲା, ଭବିଷ୍ୟତ ବାଣୀ ଦ୍ୱାରା ପ୍ରକାଶିତ ହୋଇଥିଲା, ପ୍ରତିଜ୍ଞାତ ଥିଲା ଏବଂ ପରେ ସ୍ଥାପିତ ହୋଇଥିଲା ।

୨. ମଣ୍ଡଳୀ ଈଶ୍ୱରଙ୍କ ମନରେ ଉଭାବିତ ହୋଇଥିଲା ।

୩. ଯୋହନ କହିଲେ, ସ୍ୱର୍ଗରାଜ୍ୟ ସନ୍ନିକଟ ।

୪. ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନ ପ୍ରସଙ୍ଗ ସମସ୍ତ ଗୋଷ୍ଠୀ ମଧ୍ୟରେ ଘୋଷଣା କରାଯିବାର ଥିଲା ।

୫. ମଣ୍ଡଳୀ, ଯିରୁଶାଲମରେ ଆରମ୍ଭ ହେବାର ଥିଲା ।
୬. ପ୍ରେରିତ ୨ୟ ଅଧ୍ୟାୟ ମଣ୍ଡଳୀର ସ୍ଥାପନ ବିଷୟରେ କହେ ।
୭. ଏହା ରୋମୀୟ ସାମ୍ରାଜ୍ୟ ସମୟରେ ଘଟିବାର ଥିଲା ।
୮. 'ଶେଷକାଳ' ଆରମ୍ଭ ହୋଇ ସାରିଲାଣି ।
୯. ଭବିଷ୍ୟତ ବାଣୀ ଏବଂ ପ୍ରତିଜ୍ଞା, ସଂପୂର୍ଣ୍ଣ ଏବଂ ସଫଳ ହେଲା ।

**ଦୟାକରି ବାକ୍ୟ ପୂରଣ କରନ୍ତୁ :-**

୧. "ପୁଣି ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୂର୍ଣ୍ଣ କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ... ।"
୨. "... ଏ ରୂପ ଘଟିବ ।"
୩. "ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ, ତାହା ...।"
୪. "ମୁଁ ... ତୋଳିବି ।"
୫. "... ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନ ପ୍ରସଙ୍ଗ ଘୋଷଣା କରାଯିବ ।"

❖❖❖



## ତୃତୀୟ ଅଧ୍ୟାୟ

# ମଣ୍ଡଳୀ ଅବତରଣ

**(The Establishment of the Church)**

ପୂର୍ବ ଅଧ୍ୟାୟରେ ଯିଶାଇୟ ୨:୨,୩, ଯୋୟେଲ ୨:୨୮,୨୯ ଏବଂ ଦାନିୟେଲ ୨:୪୪ ଦ୍ୱାର ଜାଣିପାରିଲୁ ଯେ, ଈଶ୍ୱରଙ୍କ ରାଜ୍ୟ ଶେଷ ଦିନରେ ସ୍ଥାପନ ହେବାର ଥିଲା । ଯିରୁଶାଲମରେ, ଆତ୍ମାର ଆଗମନ ସହ, ସମସ୍ତ ଗୋଷ୍ଠୀ ଏହି ମଧ୍ୟକୁ ବୋହି ଆସିବେ ଏବଂ ଏହା ଚିରସ୍ଥାୟୀ ହୋଇ ରହିବ । ପରେ ଖ୍ରୀଷ୍ଟ ମାଥିଉ ୧୬:୧୮, ମାର୍କ ୯:୧ ଏବଂ ଲୂକ ୨୪:୪୬-୪୯ ସେ ଆପଣା ମଣ୍ଡଳୀ ସ୍ଥାପନ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଏହା ଶକ୍ତିର ସହ ଆସିବ ଏବଂ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନ ପ୍ରସଙ୍ଗ ସମସ୍ତ ଗୋଷ୍ଠୀ ମଧ୍ୟରେ ଘୋଷଣା କରାଯିବ । ବର୍ତ୍ତମାନ ଆମେ ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ କରି ଜାଣିପାରୁ ଯେ, ସମସ୍ତ ଭବିଷ୍ୟତ ବାଣୀ ଓ ପ୍ରତିଜ୍ଞା ଏଠାରେ ସଫଳ ହୋଇଅଛି ।

ପ୍ରେରିତ ଦ୍ୱିତୀୟ ଅଧ୍ୟାୟ କଲେ ଆମେ ଦେଖୁ ଯେ, ସେ ସମୟରେ ପ୍ରେରିତମାନେ ଯିରୁଶାଲମରେ ଥିଲେ । ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହରେ ପର୍ବତ୍ର ବ୍ୟାପିଗଲା । ଆଉ ଅଗ୍ନି ସଦୃଶ୍ୟ ଜିହ୍ୱାଗୁଡିକ ସେମାନଙ୍କ ଦୃଷ୍ଟି ଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ

ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ । ପୁଣି ଆତ୍ମା ସେମାନଙ୍କୁ ଯେପରି ଶକ୍ତି ଦେଲେ ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ । ଏହି ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୁଶାଲମରେ ବାସ କରୁଥିବା ଉକ୍ତ ଯିହୂଦୀମାନେ ସେ ସ୍ଥାନରେ ଥିଲେ । ଆଉ ସେହି ଶବ୍ଦ ହୁଅନ୍ତେ ବହୁ ଜନତା ଏକତ୍ର ହୋଇ ପ୍ରତ୍ୟେକ ଜଣ ଆପଣା ଭାଷାରେ ସେମାନଙ୍କୁ କଥା କହୁଥିବା ଶୁଣିପାରି ହତବୁଦ୍ଧି ହେଲେ (ପ୍ରେରିତ ୨;୧୬) । ଆଉ ସମସ୍ତେ ଆଚମ୍ଭିତ ଓ ହତବୁଦ୍ଧି ହୋଇ ପରସ୍ପର କହିବାକୁ ଲାଗିଲେ, ଏହାର ଅର୍ଥ କ'ଣ ? କିନ୍ତୁ ଅନ୍ୟମାନେ ବିଦ୍ରୁପ କରି କହିଲେ, ଏମାନେ ମିଷ୍ଟ ଦ୍ରାକ୍ଷାରସରେ ମତ୍ତ ଅଛନ୍ତି । କିନ୍ତୁ ପିତର ଏକାଦଶଙ୍କ ସହିତ ଠିଆ ଉଚ୍ଚ ସ୍ୱରରେ ସେମାନଙ୍କ ନିକଟରେ ବକ୍ତୃତା କରି କହିଲେ, ହେ ଯିହୂଦୀ ଲୋକେ ଓ ଯିରୁଶାଲମ ନିବାସୀ ସମସ୍ତେ ଏହା ଜ୍ଞାତ ହୁଅନ୍ତୁ ଓ ମୋହର କଥାରେ କର୍ଣ୍ଣପାତ କରନ୍ତୁ, କାରଣ ଆପଣମାନେ ଯେପରି ମନେ କରୁଅଛନ୍ତି, ଏମାନେ ମାତାଲ ନୁହଁନ୍ତି ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର । କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି ଏ ସେହି ଘଟଣା । ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମାବୃଷ୍ଟି କରିବା, ସେଥିରେ ତୁମର ପୁତ୍ର କନ୍ୟାଗଣ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବ । ପୁଣି ତୁମ୍ଭମାନଙ୍କ ପ୍ରାଚୀନମାନେ ସ୍ୱପ୍ନ ଦେଖିବ । ଆଉ ଏପରି ଘଟିବ ଯେ, ଯେ କେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ ସେ ପରିତ୍ରାଣ ପାଇବ (ପ୍ରେରିତ ୨:୧୨-୧୭,୨୧) ।



ଦୟାକରି ପ୍ରେରିତ ଦ୍ୱିତୀୟ ଅଧ୍ୟାୟରୁ ଉତ୍ତର ଦିଅନ୍ତୁ :-

୧. କେଉଁମାନେ ଆତ୍ମାକୁ ଗ୍ରହଣ କଲେ ?
୨. ଏହାର ଚିହ୍ନ କ'ଣ ଥିଲା ?
୩. ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ପିତର ଲୋକ ସମୂହକୁ କିପରି ପ୍ରଚାର କରିଥିଲେ ?
୪. ଲୋକ ସମୂହ କଅଣ ପ୍ରଶ୍ନ କରିଥିଲେ ? କଅଣ ଉତ୍ତର ପାଇଥିଲେ ?
୫. କିଏ ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ମଣ୍ଡଳୀରେ ସଂଯୁକ୍ତ କଲେ ?

ସଂକ୍ଷିପ୍ତ ଟିପ୍‌ପଣୀ ଦିଅନ୍ତୁ :-

୧. ମଣ୍ଡଳୀ
୨. ଭାବବାଣୀ
୩. ପେଣ୍ଟିକଷ୍ଟ
୪. ମନ ପରିବର୍ତ୍ତନ
୫. ବାପ୍ତିସ୍ମ ।

❖❖❖

## ଚତୁର୍ଥ ଅଧ୍ୟାୟ

# ମଣ୍ଡଳୀର ରୂପରେଖ

### (Identity of the Church)

ଅନେକ ଦିନରୁ ହରାଇଥିବା ବନ୍ଧୁଙ୍କୁ ଆପଣ କିପରି ଚିହ୍ନି ପାରିବେ ? ସ୍ୱାଭାବିକ ଭାବେ, ପ୍ରଥମ ବନ୍ଧୁଙ୍କ ସମସ୍ତ ରୂପରେଖ ସଂଗ୍ରହ କରି, ପରେ ତାଙ୍କୁ ଖୋଜି ବାହାରିବେ । ଯଦି କୌଣସି ବ୍ୟକ୍ତି ସହିତ ଆପଣଙ୍କ ପାଖରେ ଥିବା ସମସ୍ତ ରୂପରେଖ ମିଳୁଥାଏ, ତେବେ ଆପଣ ତାଙ୍କୁ ଆପଣା ବନ୍ଧୁ ରୂପେ ସ୍ୱୀକାର କରିବେ । ସେହିପରି ଏହି ଜଗତରେ ଅନେକ ମଣ୍ଡଳୀ ରହିଅଛି । କେଉଁ ମଣ୍ଡଳୀ ଠିକ୍ ଓ ପ୍ରକୃତ ମଣ୍ଡଳୀ କିପରି ଜାଣି ପାରିବା ? କେଉଁ ମଣ୍ଡଳୀ ପ୍ରକୃତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି ନିର୍ଣ୍ଣୟ କରି ପାରିବା ? ପ୍ରଥମେ ମଣ୍ଡଳୀ ସମସ୍ତ ରୂପରେଖ ନେଇ ଏହି ଜଗତର ମଣ୍ଡଳୀ ଗୁଡିକ ସହିତ ତୁଳନା କରିବା, ଯେବେ କୌଣସି ମଣ୍ଡଳୀ ପ୍ରକୃତ ରୂପରେଖ ସହିତ ମିଳିତ ହୁଏ, ତାକୁ ପ୍ରକୃତରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବୋଲି ସ୍ୱୀକାର କରିବା କିନ୍ତୁ ପ୍ରଥମେ ମଣ୍ଡଳୀର ରୂପରେଖ କ'ଣ ? ତାହା ଆମେ କେଉଁଠି ପାଇବା ? ବାଇବଲ ହିଁ ତା'ର ଉତ୍ତର ।

ବାଇବଲ ହିଁ ମଣ୍ଡଳୀ ପ୍ରକୃତ ରୂପରେଖ ଦିଅ । ଯଥା :-

୧. ଖ୍ରୀଷ୍ଟ ତାକୁ ସ୍ଥାପନ କଲେ–ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।



୨. ଏହା ଯିରୁଶାଲମରେ ଆରମ୍ଭ ହୋଇଥିଲା । ଏହା ଲୁକ ୨୪:୪୫-୪୯ ଏବଂ ପ୍ରେରିତ ୨:୫ରେ ଲେଖା ଯାଇଅଛି ।

୩. ଏହାର ଆରମ୍ଭ ଖ୍ରୀଷ୍ଟଜନ୍ମ ୩୩ ମସିହାରେ ହୋଇଥିଲା । ଏହା ପ୍ରେରିତ ୨ୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହା ପେଣ୍ଟିକଷ୍ଟ (Penticost) ଦିନରେ ସ୍ଥାପିତ ହୋଇଥିଲା ।

୪. ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କରିଥିଲେ । ପାଉଲ କେତେକ ମଣ୍ଡଳୀ ବିଷୟରେ କହିବା ବେଳେ ଏପରି ଲେଖନ୍ତି, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି ।" (ରୋମୀୟ ୧୬:୧୬) । ପୁଣି କରନ୍ଥୀୟ ମଣ୍ଡଳୀକୁ ଲେଖନ୍ତି, "ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ କ'ଣ ଏକ ଅଙ୍ଗ ସ୍ୱରୂପ ।" (୧ କରନ୍ଥୀ ୧୨;୨୭) କିନ୍ତୁ ଶରୀରର ଅର୍ଥ କ'ଣ ? ମଣ୍ଡଳୀ ଖ୍ରୀଷ୍ଟଙ୍କ ଶରୀର ସ୍ୱରୂପ ଅଟେ । (ଏଫିସି ୧;୨୨-୨୩) ।

୫. ଏହାର ସଭ୍ୟମାନେ ଖ୍ରୀଷ୍ଟିୟାନ ବୋଲି ପରିଚିତ ହେଲେ, "ପୁଣି ଆନ୍ତୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।" (ପ୍ରେରିତ ୧୧;୨୬) । "ସେଥିରେ ଆଗ୍ରିପ୍ପା ପାଉଲଙ୍କୁ କହିଲେ, ଅଳ୍ପ କଥାରେ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛ ।" (ପ୍ରେରିତ ୨୬:୨୮) । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜା ବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ ପିତର ୪:୧୬) । ମନେ ରଖନ୍ତୁ, ତାହାଙ୍କ ଛଡା ଆଉ କାହାଠାରେ ପରିତ୍ରାଣ ନାହିଁ । କାରଣ ଯାହାଦ୍ୱାରା

ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ । (ପ୍ରେରିତ ୪;୧୨) ।

୬. ଖ୍ରୀଷ୍ଟ ଏକମାତ୍ର ମସ୍ତକ ସ୍ୱରୂପ, "ଆଉ ସେ ମଣ୍ଡଳୀ ରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଜି ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।" (କଲସୀ ୧:୧୮)

୭. କେବଳ ଏକମାତ୍ର ମଣ୍ଡଳୀ ରହିଅଛି । "ଏକ ଶରୀର ଓ ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୁତ ହୋଇଅଛ ।" (ଏଫିସି ୪:୪) । କିନ୍ତୁ ଏକ ଶରୀର ଅର୍ଥ କ'ଣ ? ଏହା ମଣ୍ଡଳୀ ଅଟେ (କଲସୀୟ ୧:୧୮) । ଯେଣୁ କେବଳ ଏକମାତ୍ର ଶରୀର ରହିଅଛି ଓ ସେହି ଶରୀର ମଣ୍ଡଳୀ ଅଟେ, ତେଣୁ ଏହା ପ୍ରମାଣିତ ହୁଏ ଯେ, କେବଳ ଏକମାତ୍ର ମଣ୍ଡଳୀ ରହିଅଛି ।

୮. ମଣ୍ଡଳୀର ସଭ୍ୟ ହେବା ନିମନ୍ତେ କେତୋଟି ନିୟମ ଆବଶ୍ୟକ, ଏହା ବିଶ୍ୱାସ (ଏବ୍ରୀ ୧୧:୬), ମନ ପରିବର୍ତ୍ତନ ପ୍ରେରିତ ୧୭:୩୦, ସ୍ୱୀକାର (ରୋମୀୟ ୧୦,୯-୧୦) ଏବଂ ବାପ୍ତିସ୍ମ (ମାର୍କ ୧୬:୧୬) । ଜଣେ ପରିତ୍ରାଣ ପ୍ରାପ୍ତ ହେବାପରେ ମଣ୍ଡଳୀରେ ସଂଯୁକ୍ତ ହୁଏ ଏବଂ (ରୋମୀୟ ୬:୩-୪), (ଗାଲାତୀ ୩:୨୬-୨୭) ଓ (୧ମ କରନ୍ଥୀୟ ୧୨;୧୩) ଅନୁଯାୟୀ ଜଣେ ଖ୍ରୀଷ୍ଟଙ୍କ ଠାରେ ଓ ମଣ୍ଡଳୀରେ ବାପ୍ତିସ୍ମ ନିଅ । ଏହି ସବୁ ନିୟମ ପାଳନ ଦ୍ୱାରା, ଜଣେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବା ସ୍ୱର୍ଗରାଜ୍ୟରେ ଜନ୍ମ ନିଏ । (ଯୋହନ ୩:୩-୫) ।

୯. ଏହାର ଆରାଧନା ପଦ୍ଧତିରେ ବିଶେଷତ୍ୱ ରହିଅଛି । ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ର ହୋଇ (ପ୍ରେରିତ



୨୦:୭) ଗୀତ ଗାଇଥାନ୍ତି (ଏଫିସିୟ ୫:୧୯), ପ୍ରାର୍ଥନା କରନ୍ତି (ପ୍ରେରିତ ୨:୪୨), ବାକ୍ୟ ଧ୍ୟାନ କରନ୍ତି (୨ ତୀମଥି ୨:୧୫) ପ୍ରଭୁ ଭୋଜରେ ଭାଗୀ ହୁଅନ୍ତି (୧ମ କରନ୍ଥୀୟ ୧୧) ଏବଂ ଦାନ ଦିଅନ୍ତି (୧ମ କରନ୍ଥୀୟ ୧୬:୨) ।

୧୦. ମଣ୍ଡଳୀର ସିଦ୍ଧାନ୍ତ ସବୁର ଭିତ୍ତିମୂଳ ବାଇବଲ ଅଟେ । ଏଥିରେ ବାକ୍ୟ ବିନା ଯୋଗ ବା ବିଯୋଗରେ ଗ୍ରହଣ କରାଯାଏ । (ପ୍ରେରିତ ୨୨:୧୮-୧୯) ଓ (ଗାଲାତୀ ୧:୬-୧୧) । ବାଇବଲ ଏକମାତ୍ର ମଣ୍ଡଳୀର ନିୟମ ପୁସ୍ତକ ଅନ୍ୟ ନିୟମ ପୁସ୍ତକଗୁଡିକ ଗ୍ରହଣ କରାଯାଏ ନାହିଁ ।

୧୧. ମଣ୍ଡଳୀର କାର୍ଯ୍ୟସବୁ ଈଶ୍ୱରଙ୍କ ଯୋଜନା ଅନୁଯାୟୀ ନିର୍ବାହିତ ହୁଏ । ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ (ଏଫିସିୟ ୫:୨୩) ଓ ପ୍ରତ୍ୟେକ ସ୍ଥାୟୀ ମଣ୍ଡଳୀର ନିଜ ନିଜ ପ୍ରାଚୀନ ଓ ଅଧ୍ୟକ୍ଷମାନେ ଥାନ୍ତି (୧ମ ତୀମଥି ୩: ତିତସ ୧ ପର୍ବ) ଖ୍ରୀଷ୍ଟଙ୍କ ମଣ୍ଡଳୀର ଜଗତରେ କୌଣସି ପ୍ରଧାନ ବା ପ୍ରଧାନ କାର୍ଯ୍ୟାଳୟ (Head or Head Quarter) କିମ୍ବା ଏହାର ଜାତୀୟ ବା ଅର୍ନ୍ତଜାତୀୟ ମନୁଷ୍ୟ ନିର୍ମିତ ସଂସ୍ଥା ନାହିଁ ।

୧୨. ମଣ୍ଡଳୀର କାର୍ଯ୍ୟ ତିନୋଟି ଭାଗରେ ବିଭକ୍ତ । ପ୍ରଥମରେ, ସୁସମାଚାର ପ୍ରଚାର କରିବା, (ମାର୍କ ୬;୧୫ ଓ ୧୬) ଦରିଦ୍ରମାନଙ୍କୁ ସାହାଯ୍ୟ କରିବା (ଗାଲାତୀ ୬: ଯାକୁବ ୨ପର୍ବ) ଏବଂ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବୃଦ୍ଧି ପାଇବାକୁ ସଭ୍ୟମାନଙ୍କୁ ଉତ୍ସାହ ଦେବା (ଏବ୍ରୀ ୩:୧୨-୧୪) ।

୧୩. ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉତ୍ତମ ବିଶ୍ୱସ୍ତ ଜୀବନ ଯାପନ

କରିବା ଆବଶ୍ୟକ । ସେମାନେ ଜଗତତକୁ ପ୍ରେମ କରନ୍ତି ନାହିଁ । (୧ମ ଯୋହନ ୨:୧୫ ଓ ଯାକୁବ ୪:୪) କିନ୍ତୁ ଆତ୍ମାର ଫଳ ଉତ୍ପନ୍ନ କରନ୍ତି (ଗାଲାତୀ ୫:୨୨-୨୩), କେବଳ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ହିଁ ଜୀବନର ମୁକୁଟ ପାଇପାରିବ (ପ୍ରକାଶିତ ବାକ୍ୟ ୨:୧୦) ।

ଏହି ସବୁ ମଣ୍ଡଳୀର କେତୋଟି ଲକ୍ଷଣ । ଏହି ଧାରାର ସବୁର ମୂଳଭିତ୍ତି ବାଇବଲ ଅଟେ । ଆପଣଙ୍କ ମଣ୍ଡଳୀକୁ ଏହି ସବୁ ଲକ୍ଷଣ ସହିତ ତୁଳନା କରି ଦେଖନ୍ତୁ । ଉଦାହରଣ ସ୍ୱରୂପ, ପ୍ରଥମ ଚାରୋଟି ଲକ୍ଷଣ ନିଅନ୍ତୁ । "କିଏ ମୋର ମଣ୍ଡଳୀକୁ ସ୍ଥାପନ କଲା ?" ଏ ପ୍ରଶ୍ନ ଆପଣ ଆପଣଙ୍କୁ କରନ୍ତୁ । ଏହା ଖ୍ରୀଷ୍ଟଙ୍କ ବା ମନୁଷ୍ୟ ଦ୍ୱାରା ସ୍ଥାପିତ ମୋର ମଣ୍ଡଳୀ କେଉଁଠି ସ୍ଥାପିତ ହୋଇଥିଲା ? ଏହା ଯିରୁଶାଲମରେ ନା ଅନ୍ୟ କୌଣସି ସ୍ଥାନରେ ଆରମ୍ଭ ହୋଇଥିଲା ? ତୃତୀୟ ପ୍ରଶ୍ନ, କେବେ ମୋର ମଣ୍ଡଳୀ ସ୍ଥାପିତ ହୋଇଥିଲା ? ଯଦି ଏହା ଖ୍ରୀ.ଜ. ୩୩ ପରେ ହୋଇଥିଲା, ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ ନୁହେଁ । ଶେଷ ପ୍ରଶ୍ନ, ମୋର ମଣ୍ଡଳୀ କେଉଁ ନାମରେ ନାମିତ ? ଯଦି ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କି ନଥାଏ, ତାହା କିପରି ଖ୍ରୀଷ୍ଟଙ୍କ ହୋଇପାରେ ? ଏହି ମୁଖ୍ୟ ଚାରୋଟି ପ୍ରଶ୍ନ ଆପଣଙ୍କୁ ବୁଝାଇ ପାରିବଯେ, ଆପଣଙ୍କ ମଣ୍ଡଳୀ ଖ୍ରୀଷ୍ଟଙ୍କର ବା ମନୁଷ୍ୟ ନିର୍ମିତ । ଆପଣ, ଅନ୍ୟ ସବୁ ମଣ୍ଡଳୀ ଗୁଡିକକୁ ମଧ୍ୟ, ସେଗୁଡିକ ଖ୍ରୀଷ୍ଟଙ୍କର ମଣ୍ଡଳୀ ଅଟେ ନା ନାହିଁ, ଏହି ସବୁ ଲକ୍ଷଣ ସହିତ ତୁଳନା କରି ଜାଣିପାରିବେ । ଆପଣ ସରଳ ହୃଦୟୀ ଓ ସତ୍ୟପ୍ରିୟ ହୋଇଥିଲେ, ଏଥିର ପାର୍ଥକ୍ୟ ବୁଝିପାରିବେ ।

ଆପଣ ଯେତେବେଳେ ଜାଣିପାରିଲେ ଯେ, ଆପଣ ବାଇବଲରେ



ବର୍ଣ୍ଣିତ ମଣ୍ଡଳୀର ନୁହନ୍ତି, ତେବେ ଆପଣ ସେହି ମଣ୍ଡଳୀକୁ ଛାଡି, ସତ୍ୟ ଶିକ୍ଷା କରି, ତାର ଆଜ୍ଞାକାରୀ ହୋଇ, ବାକ୍ୟରେ ଥିବା ମଣ୍ଡଳୀର ସଭ୍ୟ ହୁଅନ୍ତି । ତାହା ହେଲେ ପରିତ୍ରାଣ ଥିବା ମଣ୍ଡଳୀରେ, ଆପଣ ଆପଣଙ୍କୁ ପାଇପାରିବେ ।

ପ୍ରଶ୍ନ :-

**ଦୟାକରି ସଠିକ୍ ଉତ୍ତର ଦିଅନ୍ତି :-**

୧. ଅନେକ ଦିନରୁ ହଜିଯାଇଥିବା ବନ୍ଧୁଙ୍କୁ କିପରି ଖୋଜି ପାରିବେ ?
୨. ଆଜି ଜଗତରେ ଅନେକ ମଣ୍ଡଳୀ ଦେଖାଯାଏ କି ?
୩. ଜଣେ କେଉଁ ମଣ୍ଡଳୀ ସଠିକ୍ ବୋଲି ଜାଣିପାରିବ ?
୪. ମଣ୍ଡଳୀର ରୂପରେଖ ଗୁଡିକ କେଉଁଠି ପାଇପାରୁ ?
୫. କିଏ ମଣ୍ଡଳୀ ସ୍ଥାପନ କରିଥିଲେ ?
୬. ଏହାର ଆରମ୍ଭ କେଉଁଠି ହୋଇଥିଲା ?
୭. ଏହା କେବେ ସ୍ଥାପନ କରାଯାଇଥିଲା ?
୮. ଏହାର ନାମ କ'ଣ ?
୯. ଶରୀରର ଅର୍ଥ କ'ଣ ?
୧୦. ସଭ୍ୟମାନେ କେଉଁ ନାମରେ ଆଖ୍ୟାତ ହେଲେ ?
୧୧. କିଏ ମଣ୍ଡଳୀର ମସ୍ତକ ସ୍ୱରୂପ ?
୧୨. ମଣ୍ଡଳୀରେ ସଭ୍ୟମାନେ କିପରି ପ୍ରବେଶ କରନ୍ତି ?
୧୩. କେତୋଟି ମଣ୍ଡଳୀ ରହିଅଛି ?

୧୪. ମଣ୍ଡଳୀର ଆରାଧନା ପଦ୍ଧତି ବର୍ଣ୍ଣନା କର ।

୧୫. ମଣ୍ଡଳୀର ସିଦ୍ଧାନ୍ତ କ'ଣ ?

୧୬. ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ କାହାର ଆବଶ୍ୟକତା ରହିଅଛି ?

୧୭. ମଣ୍ଡଳୀର ତିନୋଟି କାର୍ଯ୍ୟ ବର୍ଣ୍ଣନା କରନ୍ତୁ ?

୧୮. ଖ୍ରୀଷ୍ଟିୟାନ କିପରି ଜୀବନ ଯାପନ କରିବା ଆବଶ୍ୟକ ?

୧୯. କିଏ ଜୀବନର ମୁକୁଟ ପାଇବ ?

୨୦. ମନୁଷ୍ୟ ମଣ୍ଡଳୀ, ଈଶ୍ୱରଙ୍କ ମଣ୍ଡଳୀ ହୋଇପାରେ କି ?

୨୧. ଯେଉଁ ମଣ୍ଡଳୀ ଯିରୁଶାଲମରେ ସ୍ଥାପିତ ହୋଇ ନ ଥିଲା, ତାହା କି ଈଶ୍ୱରଙ୍କ ମଣ୍ଡଳୀ ହୋଇପାରେ ?

୨୨. ଯେଉଁ ମଣ୍ଡଳୀ ଖ୍ରୀ.ଜ. ୩୩ ପରେ ସ୍ଥାପିତ ହୋଇଥିଲା ତାହା କି ଈଶ୍ୱରଙ୍କ ମଣ୍ଡଳୀ ହୋଇପାରେ ?

୨୩. ଯେଉଁ ମଣ୍ଡଳୀର ସଭ୍ୟମାନେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ନୁହନ୍ତି କି ତାହା କି ଈଶ୍ୱରଙ୍କ ମଣ୍ଡଳୀ ?

୨୪. ଆପଣ ଯଦି ପରିତ୍ରାଣ ପ୍ରାପ୍ତ, ଈଶ୍ୱର ଆପଣଙ୍କୁ କେଉଁ ମଣ୍ଡଳୀରେ ସଂପୃକ୍ତ କଲେ ?

❖❖❖



**ପଞ୍ଚମ ଅଧ୍ୟାୟ**

# ମଣ୍ଡଳୀର ନାମ

**(Name of the Church)**

ମଣ୍ଡଳୀ ଯେତେବେଳେ ବାକ୍ୟଗତ ଏହାର ନାମ ମଧ୍ୟ ବାକ୍ୟଗତ ହେବା ଆବଶ୍ୟକ । ଅନେକ ମନୁଷ୍ୟ ସ୍ଥାପିତ ମଣ୍ଡଳୀ ମାନଙ୍କର ମନୁଷ୍ୟ ନାମିତ ନାମ ରହିଅଛି । ଏହା କିପରି ଆସିଲା ? କେତେକ ମଣ୍ଡଳୀ ସ୍ଥାପକ ନାମରେ ନାମିତ, ଯେପରି 'ଲୁଥରାନ୍' । କେତେକ ମଣ୍ଡଳୀ ଧର୍ମ ବିଧିକୁ ପ୍ରାଧାନ୍ୟତା ହେବା ନିମନ୍ତେ ନାମିତ ଯେପରି ବାପଟିଷ୍ଟ । କେତେକ ଗୋଟିଏ ଦିନକୁ ଗୌରବ ଦେବାକୁ ନାମିତ, ଯେପରି କି ପେଣ୍ଟିକଷ୍ଟ ବା ସାବତ ଡେ । ଆଉ କେତେକ ମଣ୍ଡଳୀ ପ୍ରାଚୀନମାନଙ୍କ କାର୍ଯ୍ୟ ଉପରେ ପ୍ରାଧାନ୍ୟତା ଦେଇ 'ପ୍ରେସବିଟର' ବୋଲି ନାମିତ କରନ୍ତି ! ଏହିପରି ଅନେକ ନାମ ଓ ପଦ ରହିଅଛି । ଯାହା ଖ୍ରୀଷ୍ଟ ପାଇବା ସମସ୍ତ ଗୌରବ, ପ୍ରଶଂସା ସମ୍ମାନ ପାଇଥାନ୍ତି ।

ମନୁଷ୍ୟ ନାମିତ ନାମ, ଅନେକ ଗୁଡିକ କାରଣରୁ ଭୂଲ ବୋଲି ଦେଖାଯାଏ । ପ୍ରଥମେ ଏହା ଭେଦ ସୃଷ୍ଟି କରେ । ଯେଉଁଠାରେ ଈଶ୍ୱର ଭେଦ ଚାହାନ୍ତି ନାହିଁ । ସେଥିରେ ଭେଦ ଆଣେ । ଏହା ମନୁଷ୍ୟରେ ଭେଦ ସୃଷ୍ଟି କରେ । ଯୋହନ ୧୭ ଅଧ୍ୟାୟରେ ଯୀଶୁ କରିଥିବା ପ୍ରାର୍ଥନା ବିରୁଦ୍ଧରେ ଯାଆନ୍ତି । ଦ୍ୱିତୀୟରେ ଏହି ପ୍ରକାର ମନୁଷ୍ୟ ନାମିତ ନାମକୁ ବାକ୍ୟ ଦୋଷୀ କରାଏ । ୧ମ କରନ୍ଥୀୟ ୧:୧୦-୧୭ରେ

ପ୍ରେରିତ ପାଉଲ ଭାଇମାନଙ୍କୁ ମନୁଷ୍ୟମାନଙ୍କ ନାମରେ ନାମିତ ହୋଇ ବିଭକ୍ତ ହେବାର ଭୂଲ ଦେଖାଉଛନ୍ତି । ତୃତୀୟରେ, ତାହାଙ୍କ ଛଡା ଆଉ କାହାଠାରେ ପରିତ୍ରାଣ ନାହିଁ । କାରଣ ଯାହାଦ୍ୱାରା ଆମ୍ଭମାନଙ୍କ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ କୌଣସି ନାମ ଦିଆଯାଇ ନାହିଁ । (ପ୍ରେରିତ ୪;୧୨); ଚତୁର୍ଥରେ, ଏହି ମନୁଷ୍ୟ ନାମିତ ନାମ ଗୁଡିକ କଳହ ସୃଷ୍ଟି କରେ ଏବଂ ଅବିଶ୍ୱାସୀମାନଙ୍କ ମଧ୍ୟରେ ଭୂଲ ଧାରଣା ଦିଏ । ପଞ୍ଚମରେ, ଏହିପରି ନାମ ଧାରଣକାରୀ ଏବଂ ତାଙ୍କ ନିମନ୍ତେ ଯେଉଁମାନେ ଖ୍ରୀଷ୍ଟଙ୍କଠାରୁ ବିମୁଖ ହୋଇଥାନ୍ତି, ସମସ୍ତେ ବିନଷ୍ଟ ହେବେ । ଏହି ସବୁ କାରଣରୁ, ସେହି ନାମଗୁଡିକ ଭୂଲ ଓ ପାପମୟ ।

ଖ୍ରୀଷ୍ଟ, ମଣ୍ଡଳୀ ସ୍ଥାପନ କରିବି ବୋଲି ପ୍ରତିଜ୍ଞା କଲେ (ମାଥିଉ ୧୬:୨୮) । କୁହାଯାଇଅଛି ଯେ, ତାକୁ ସେ ନିଜ ରକ୍ତରେ କିଣିଲେ (ପ୍ରେରିତ ୨୦:୨୮), ସେ ଏହାର ପରିତ୍ରାଣ କର୍ତ୍ତା (ଏଫିସିୟ ୫:୨୩)। ଏବଂ ଏହାର ମସ୍ତକ ସ୍ୱରୂପ (କଲସୀୟ ୧:୧୮) । ସ୍ୱାଭାବିକ ଭାବେ ଏହାର ସ୍ଥାପକ, ରକ୍ଷକ ଓ ମସ୍ତକଙ୍କ ନାମରେ ନାମିତ ହେବା ଉଚିତ । ତେଣୁ ପାଉଲ ରୋମୀୟ ମଣ୍ଡଳୀକୁ ଏପରି ଲେଖନ୍ତି, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଇ ଅଛନ୍ତି ।" (ରୋମୀୟ ୧୬:୧୧୬, କଲସୀୟ ମଣ୍ଡଳୀକୁ ଲେଖନ୍ତି, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ ଜଣ ଅଙ୍ଗ ସ୍ୱରୂପ ।) (୧ମ କରନ୍ଥୀ ୧୨:୨୭) । କିନ୍ତୁ ଶରୀର ମଣ୍ଡଳୀ ଅଟେ ଅଫିସିୟ ୧:୨୨-୨୩) । ତେବେ ସେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଏଠାରେ କହନ୍ତି । ଏହା ଈଶ୍ୱରଙ୍କ ମଣ୍ଡଳୀ ବୋଲି ମଧ୍ୟ କୁହାଯାଏ।



(୧ମ କରନ୍ଥୀ ୧:୨), (ପ୍ରେରିତ ୨୦:୨୮), ଈଶ୍ୱରଙ୍କ ରାଜ୍ୟ (ଏଫିସିୟ ୫:୫), ଈଶ୍ୱରଙ୍କ ପ୍ରିୟ ପୁତ୍ରଙ୍କ ରାଜ୍ୟ (କଲସୀୟ ୧:୧୩) ତୁମ୍ଭମାନଙ୍କ ପ୍ରଭୁଙ୍କ ରାଜ୍ୟ (୨ ପିତର ୧:୧୧), ମଣ୍ଡଳୀ (ପ୍ରେରିତ ୧୩:୧), ଜୀବନ୍ତ ଈଶ୍ୱରଙ୍କ ମଣ୍ଡଳୀ (୧ମ ତୀମଥି ୩:୧୫), ପ୍ରଥମ ଜାତମାନଙ୍କ ମଣ୍ଡଳୀ (ଏବ୍ରୀ ୧୨:୨୩) ଇତ୍ୟାଦି । ତେଣୁ ମଣ୍ଡଳୀ କୌଣସି ବାହିକ ନାମରେ ପରିଚିତ ନୁହେଁ । ପୁଣି ଆମକୁ ମନେ ରଖିବାକୁ ହେବ ଯେ, ଯାହା ଖ୍ରୀଷ୍ଟଙ୍କର ତାହା ଈଶ୍ୱରଙ୍କର ଏବଂ ଯାହା ଈଶ୍ୱରଙ୍କର ତାହା ଖ୍ରୀଷ୍ଟଙ୍କର। ଏହି ସବୁ ନାମ, ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀକୁ ବୁଝାଏ । ଏହା ଯଦି ଖ୍ରୀଷ୍ଟଙ୍କର ମଣ୍ଡଳୀ ନୁହେଁ ତେବେ ଏହା କାହାର ମଣ୍ଡଳୀ ? ପ୍ରକୃତରେ ଈଶ୍ୱରଙ୍କ ସ୍ଥାପିତ ମଣ୍ଡଳୀକୁ ନାମିତ କରିବା ପାଇଁ ବାକ୍ୟ ବାହାରେ ଖୋଜିବାକୁ ପଡୁଛି । କିନ୍ତୁ ବାଇବଲ ବାକ୍ୟ ମଧ୍ୟରେ ରହି, ବାଇବଲ ଯେଉଁ ନାମ ଦେଇଅଛି, ସେହି ନାମରେ ମଣ୍ଡଳୀକୁ ଡାକିବା ।

ମଣ୍ଡଳୀ ସଭ୍ୟର ନାମ ବିଷୟରେ ମଧ୍ୟ, ବାକ୍ୟ ସରଳ ଭାବେ ବୁଝାଇ ଦିଅ । ଯିଶାଇୟ ଭାବବାଦୀ କହନ୍ତି ଯେ, ସଦାପ୍ରଭୁ ଆପଣା ଲୋକଙ୍କୁ ନୂତନ ନାମ ଦେବେ । (ଯିଶାଇୟ ୬୨:୨) ଅନେକ ବର୍ଷ ପରେ ସେହି ନାମ ପାଉଲ ଧାରଣ କରିଥିଲେ (ପ୍ରେରିତ ୯:୧୫) । କିନ୍ତୁ ବିଜାୟୀମାନେ ଈଶ୍ୱରଙ୍କ ଆଜ୍ଞାକାରୀ ନ ହେବା ଯାଏଁ, ସେହି ନାମ ଦିଆଯାଇ ଥିଲା । ଏହି ସବୁ ପ୍ରତିଜ୍ଞା ଆନ୍ତିଖିଆରେ ସଫଳ ହୋଇଥିଲା । ସେତେବେଳେ ଶିଷ୍ୟମାନେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ (ପ୍ରେରିତ ୧୧:୨୬) । ପରେ ପାଉଲ ସେତେବେଳେ ଅଗ୍ରିପ୍ପାଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରି ସେ କହିଲେ, "ଅଳ୍ପ କଥାରେ ତ ତୁମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାରେ

ବୋଲି ମନେ କରୁଅଛ ।" (ପ୍ରେରିତ ୨୬:୨୮) ଶେଷରେ ପିତର କହନ୍ତି, "କିନ୍ତୁ ଯଦି କେହି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬) । ନୂତନ ନିୟମରେ ଖ୍ରୀଷ୍ଟଙ୍କ ଅନୁସରଣକାରୀମାନେ ଖ୍ରୀଷ୍ଟିୟାନ ଏବଂ କେବଳ ଖ୍ରୀଷ୍ଟିୟାନ ବୋଲି ଖ୍ୟାତ ହେଲେ । ପ୍ରଭୁ, ଆଜି ମଧ୍ୟ ଆମ୍ଭେ ସେହି ନାମରେ ଖ୍ୟାତ ହେଉ ବୋଲି ଚାହାନ୍ତି । ଏହି ନାମ ଛଡା ଆମେ ଯଦି ଅନ୍ୟ ନାମ କିମ୍ବା ପଦ ଦ୍ୱାରା ପରିଚିତ ହେଉ, ଆମେ ପ୍ରକୃତ ଖ୍ରୀଷ୍ଟିୟାନ ନୋହୁଁ । ଖ୍ରୀଷ୍ଟିୟାନ ନାମ ଆମ୍ଭମାନଙ୍କୁ ଜଗତଠାରୁ ଭିନ୍ନ କରେ ଏବଂ ଏହାହିଁ ପ୍ରଭୁଙ୍କର ଇଚ୍ଛା ।

ମଣ୍ଡଳୀର ଏବଂ ସଭ୍ୟମାନଙ୍କ ନାମ କାରଣରେ, ଖ୍ରୀଷ୍ଟଙ୍କ ନାମକୁ ପ୍ରାଧାନ୍ୟତା ଦେବା ଉଚିତ, କାହିଁକି ? କାରଣ ଏହା ପାରିବାରିକ ନାମ । (ଏଫିସୀୟ ୩;୧୪-୧୫),ଏହା ସମସ୍ତ ଠାରୁ ଉନ୍ନତ ନାମ (ଫିଲିପିୟ ୨:୯-୧୧) । ଏହି ନାମରେ ପରିତ୍ରାଣ ମିଳେ (ପ୍ରେରିତ ୪:୧୨) । ତେଣୁ କରି ଆମକୁ ତାଙ୍କ ନାମରେ ବିଶ୍ୱାସ କରିବାକୁ ହେବ । (୧ମ ଯୋହନ ୫:୧୩), ସେ ନାମକୁ ସ୍ୱୀକାର କରିବାକୁ ହେବ । (୨ୟ ତୀମଥି ୨:୨୯), ସେହି ନାମରେ ପାପକ୍ଷମା ଓ ବାପ୍ତିସ୍ମ, ନେବାକୁ ହେବା (ପ୍ରେରିତ ୨;୩୮), ସେ ନାମରେ ଆରାଧନା କରିବାକୁ ହେବ । (ମାଥିଉ ୧୮:୨୦), ସେହି ନାମରେ ସମସ୍ତ କାର୍ଯ୍ୟ କରିବାକୁ ହେବ । (କଲସୀ ୩:୧୭), ଯେପରି କି ସେହି ନାମରେ ଆମେ ଅନନ୍ତ ଜୀବନ ପ୍ରାପ୍ତ ହୋଇପାରୁ । ଯୋହନ ୨୦:୩୦-୩୧ ।

ଏହି ସବୁ ବିଶ୍ଳେଷଣରୁ ନାମରେ କିଛି ନାହିଁ ବୋଲି କେହି କହି



ନପାରେ । ମନୁଷ୍ୟ ନାମିତ ନାମ, ପଦରେ ନିଶ୍ଚୟ ପରିତ୍ରାଣ ନାହିଁ । ଅନ୍ୟ ପକ୍ଷରେ ଖ୍ରୀଷ୍ଟଙ୍କ ନାମରେ ହିଁ ପରିତ୍ରାଣ ଅଛି ।

**ପ୍ରଶ୍ନ :-**

ଦୟାକରି ବାକ୍ୟ ପୂରଣ କରନ୍ତୁ ।

୧. ମଣ୍ଡଳୀର ଶାସ୍ତ୍ରୀୟ... ...ରହିବା ଆବଶ୍ୟକ ।
୨. ମନୁଷ୍ୟ ନାମିତ ନାମ ଏବଂ ପଦ... ... ।
୩. ପ୍ରାର୍ଥନା ... ...ନିମନ୍ତେ କରାଯାଇଥିଲା ।
୪. ବର୍ତ୍ତମାନ ତୁମ୍ଭେମାନେ... ... ।
୫. ସଦାପ୍ରଭୁ ଆପଣା ଲୋକଙ୍କୁ ... ...ଦେବେ ।

ଦୟାକରି "ହଁ" କିମ୍ବା "ହଁ"ର ଉତ୍ତର ଦିଅନ୍ତି ।

୧. ବାକ୍ୟ ଅନୁଯାୟୀ ମଣ୍ଡଳୀର ନାମ ରହିବା ଆବଶ୍ୟକ କି ?
୨. ଖ୍ରୀଷ୍ଟଙ୍କ ନାମରେ ହିଁ ପରିତ୍ରାଣ ଅଛି ?
୩. ମନୁଷ୍ୟ ନାମିତ ନାମ ଓ ପଦଗୁଡିକ ଭୂଲ କି ?
୪. ପ୍ରଭୁ ଆମ ସମସ୍ତଙ୍କୁ ସେହି ନାମ (ଖ୍ରୀଷ୍ଟିୟାନ) ଧାରଣ କରିବା ଚାହାନ୍ତି କି ?
୫. ଖ୍ରୀଷ୍ଟଙ୍କ ନାମ ଧାରଣ ନ କରି, ତାଙ୍କୁ ଗୌରବ ଦେଇ ପାରିବା କି ?

ସଠିକ୍ ଉତ୍ତର ଦିଅନ୍ତୁ :

୧. ମନୁଷ୍ୟ ନାମିତ ନାମ ଗୁଡିକ କିପରି ଆସିଲା ?
୨. ମନୁଷ୍ୟ ନାମିତ ନାମ ଓ ପଦ କାହିଁକି ଭୂଲ ତା'ର କାରଣ ଦିଅନ୍ତୁ ?
୩. ଖ୍ରୀଷ୍ଟ କ'ଣ ପ୍ରାର୍ଥନା କଲେ ?
୪. ପାଉଲ ଆପଣା ଭାଇମାନଙ୍କୁ ବିଭକ୍ତ ହେବାର ଦେଖି, କ'ଣ ଲେଖିଲେ ?

୫. ମଣ୍ଡଳୀ ଖ୍ରୀଷ୍ଟ ନାମ କାହିଁକି ଧାରଣ କରେ ?

୬. ରୋମୀୟ ୧୬:୧୬ ଲେଖନ୍ତୁ –

୭. ୧ମ କରିନ୍ଥୀ ୧୨:୨୭ରେ ଥିବା ଖ୍ରୀଷ୍ଟ ଶରୀରର ଅର୍ଥ କ'ଣ ?

୮. ମଣ୍ଡଳୀର ଅନ୍ୟ କେତୋଟି ନାମ ଦିଅନ୍ତୁ ?

୯. ଯଦି ଖ୍ରୀଷ୍ଟଙ୍କର ନୁହେଁ ଆଉ କାହାର ?

୧୦. ମଣ୍ଡଳୀର ସଭ୍ୟମାନେ କେଉଁ ନାମରେ ଖ୍ୟାତ ହେବା ଉଚିତ୍ ?

୧୧. ଖ୍ରୀଷ୍ଟିୟାନ ନାମ ଥିବା ବାଇବଲ ପଦ ଗୁଡିକ ଲେଖନ୍ତୁ ।

୧୨. ଆଜି ପ୍ରଭୁ ଆମ ଠାରୁ କ'ଣ ଚାହାନ୍ତି ?

୧୩. "ଏକ ପ୍ରକାର ଖ୍ରୀଷ୍ଟିୟାନ" ହେବାର ସମ୍ଭବ କି ?

୧୪. ଆମେ କାହିଁକି ଖ୍ରୀଷ୍ଟଙ୍କ ନାମ ଉନ୍ନତ କରୁ ?

୧୫. ଆମେ ଖ୍ରୀଷ୍ଟଙ୍କ ନାମରେ କ'ଣ କରୁ ?

❖❖❖



### ଷଷ୍ଠ ଅଧ୍ୟାୟ

# ମଣ୍ଡଳୀ ପାଳନ ପଦ୍ଧତି

## (Organisation of the Church)

ଖ୍ରୀଷ୍ଟ, ମଣ୍ଡଳୀ ସ୍ଥାପନ କଲେ (ମାଥିଉ ୧୬:୧୮) । ଜଗତରୁ ଆହ୍ୱାନ ପ୍ରାପ୍ତ ଲୋକଙ୍କ ଦ୍ୱାରା ଏହା ନିର୍ମିତ (କଲସୀୟ ୧:୧୩-୧୪) । ଏହା ପରିତ୍ରାଣ ପ୍ରାପ୍ତ ଲୋକଙ୍କ ଦ୍ୱାରା ଗଠିତ (ପ୍ରେରିତ ୨:୪୭) । ଏହା ତାଙ୍କ ଆତ୍ମିକ ଶରୀର (କଲସୀୟ ୧:୧୮) । ଏବଂ ଏକମାତ୍ର ଶରୀର (ଏଫିସୀୟ) ।

ମଣ୍ଡଳୀ, ସାର୍ବଜନୀନ ହେଲେ ହେଁ, ଏହା ଲକ୍ଷାଧିକ ସ୍ଥାନୀୟ ମଣ୍ଡଳୀ ଗୁଡିକ ଦ୍ୱାରା ଗଠିତ, ପୁଣି ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ, ଅନେକ ସଭ୍ୟଙ୍କ ଦ୍ୱାରା ଗଠିତ । ଅର୍ଥାତ୍ ମଣ୍ଡଳୀର କର୍ତ୍ତୃତ୍ୱ ସ୍ଥାନୀୟ ଅଟେ, ଜାତୀୟ ବା ଅନ୍ତଃଜାତିକ ନୁହେଁ, ଅନ୍ୟ ପକ୍ଷରେ ମଣ୍ଡଳୀର ଜାଗତିକ ପ୍ରଧାନ (earthly head) କିମ୍ବା ଜାଗତିକ ପ୍ରଧାନ କାର୍ଯ୍ୟାଳୟ (earthly head-quarters) ନାହିଁ ।

ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ଅଟନ୍ତି ବୋଲି ବାଇବଲ ଶିକ୍ଷା ଦିଏ । ଏହି ବାକ୍ୟ ଦେଖନ୍ତୁ, "ଆଉ ସମସ୍ତ ବିଷୟ ତାହାଙ୍କ ପାଦତଳେ ବଶୀଭୂତ କରି ରଖି ତାହାଙ୍କୁ ସର୍ବ ଶେଷରେ ମସ୍ତକ ରୂପେ ମଣ୍ଡଳୀକୁ ଦାନ କଲେ, ସେହି ମଣ୍ଡଳୀ ତାହାଙ୍କ ଶରୀର ସ୍ୱରୂପ, ଅର୍ଥାତ୍ ଯେ ସର୍ବତ୍ର ଭାବରେ ପୂର୍ଣ୍ଣ କରନ୍ତି ।" ତାହାଙ୍କର ପୂର୍ଣ୍ଣତା (ଏଫିସୀୟ ୧:୨୨-୨୩) । "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସ୍ତ୍ରୀର ମସ୍ତକ ସ୍ୱରୂପ,

ପୁଣି ଖ୍ରୀଷ୍ଟ ଆପଣା ଶରୀର ମଣ୍ଡଳୀର ତ୍ରାଣକର୍ତ୍ତା (ଏଫିସୀୟ ୫:୨୩)।" "ଆଉ ସେ ମଣ୍ଡଳୀ ରୂପ ଶରୀରର ମସଲ ସ୍ୱରୂପ । ସେ ଆଜି ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି (କଲସୀୟ ୧:୧୮) । ଏହି ସବୁ କି ଶିକ୍ଷା ଦିଏ ? ଖ୍ରୀଷ୍ଟ ମଣ୍ଡଳୀରୂପ ଶରୀରର ମସ୍ତକ ସ୍ୱରୂପ ଅଟନ୍ତି । କେତୋଟି ମଣ୍ଡଳୀ ଅଛି ? କେବଳ ଏକମାତ୍ର ଏବଂ ଖ୍ରୀଷ୍ଟ ତାହାର ମସ୍ତକ ସ୍ୱରୂପ ଅଟନ୍ତି ।"

ମଣ୍ଡଳୀ ଅନେକ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଗଠିତ । ମଣ୍ଡଳୀର ମସ୍ତକ ଖ୍ରୀଷ୍ଟ ତେଣୁ ଖ୍ରୀଷ୍ଟ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ମଧ୍ୟ ମସ୍ତକ ସ୍ୱରୂପ ଅଟନ୍ତି । ପୁଣି ପ୍ରତ୍ୟେକ ଖ୍ରୀଷ୍ଟିୟାନର ମଧ୍ୟ ସେ ମସ୍ତକ ସ୍ୱରୂପ ଅଟନ୍ତି । ତେଣୁ କରି ପାଉଲ କହିଲେ, "କିନ୍ତୁ ଖ୍ରୀଷ୍ଟ ଯେ ପ୍ରତ୍ୟେକ ପୁରୁଷର ମସ୍ତକ ଏବଂ ପୁରୁଷ ଯେ ସ୍ତ୍ରୀକ ମସ୍ତକ ସ୍ୱରୂପ । ଈଶ୍ୱର ଯେ ଖ୍ରୀଷ୍ଟଙ୍କ ମସ୍ତକ ସ୍ୱରୂପ, ଏହା ତୁମ୍ଭେମାନେ ଜାଣ ବୋଲି ମୋହର ଇଚ୍ଛା ।" (୧ମ କରନ୍ଥୀୟ ୧୧:୩) ।

ପରେ, ପ୍ରତ୍ୟେକ ମଣ୍ଡଳୀର ଆପଣା ଆପଣା ପାଳନ ପଦ୍ଧତି ରହିବା ଆବଶ୍ୟକ । ଖ୍ରୀଷ୍ଟଙ୍କୁ ମସ୍ତକ ସ୍ୱରୂପ ରଖି, ସଭ୍ୟମାନଙ୍କର ଆତ୍ମିକ ଏବଂ ଶାରୀରିକ ଆବଶ୍ୟକତା ନିମନ୍ତେ ପ୍ରାଚୀନ ଏବଂ ଅଧ୍ୟକ୍ଷ ନିଯୁକ୍ତି କରିବା ଆବଶ୍ୟକ । ପ୍ରାଚୀନମାନେ ସଭ୍ୟମାନଙ୍କ ଆତ୍ମିକ ଆବଶ୍ୟକତା ବିଷୟ ବୁଝାନ୍ତି । (ଏବ୍ରୀ ୧୩:୭) ଏବଂ ସେବକମାନେ ସଭ୍ୟମାନଙ୍କ ଶାରୀରିକ ଆବଶ୍ୟକତାର ଭାର ଅଟନ୍ତି (ପ୍ରେରିତ ୬) । ଦୟାକରି ମନେ ରଖନ୍ତୁ, ବାକାରେ "ପ୍ରାଚୀନମାନେ" "ସେବକମାନେ" ବୋଲି ବହୁ ବଚନର ବ୍ୟବହାର କରାଯାଇଅଛି । ଗୋଟିଏ ସ୍ଥାନୀୟ



ମଣ୍ଡଳୀର ପ୍ରାଚୀନ ଓ ସେବକମାନେ, ଅନ୍ୟ ଏକ ସ୍ଥାନୀୟ ମଣ୍ଡଳୀର କିମ୍ବା ସ୍ଥାନୀୟ ମଣ୍ଡଳୀ ଗୁଡ଼ିକ ଉପରେ ଆଧିପତ୍ୟ ଦେଖାଇବା ଦେଖାଯାଏ ନାହିଁ । ସ୍ଥାନୀୟ ମଣ୍ଡଳୀ ଗୁଡ଼ିକ ମଧ୍ୟରେ ସହଯୋଗ ରହିଥାଏ । କିନ୍ତୁ ପ୍ରତ୍ୟେକ ଗୋଟିଏ ଗୋଟିଏ ମଣ୍ଡଳୀ ।

ତେଣୁକରି ପ୍ରାଚୀନ, ପାଷ୍ଟର, ବିଷପ, ପାଳକ ଓ ଅଧ୍ୟକ୍ଷ ଏହି ସବୁ ସମଭାବାପନ୍ନ ପଦ । ତେଣୁ ପ୍ରାଚୀନ ହିଁ ପାଷ୍ଟର, ବିଷପ, ମେଷପାଳକ, ଅଧ୍ୟକ୍ଷ ମଧ୍ୟ ଅଟନ୍ତି । ୧ମ ତୀମଥି ୩:୧୭ରେ ପାଉଲ କହନ୍ତି, "ଏହି କଥା ସତ୍ୟ କେହି ଯଦି ଅଧ୍ୟକ୍ଷ ପଦ ପାଇବାକୁ ଆକାଂକ୍ଷା କରନ୍ତି, ତେବେ ସେ ଉତ୍ତମ ବାଞ୍ଛା କରନ୍ତି । ଅତଏବ ଅଧ୍ୟକ୍ଷଙ୍କର ଅନିନ୍ଦନୀୟ ହେବା ଆବଶ୍ୟକ, ସେ ଅବଶ୍ୟ ଏକ ସ୍ତ୍ରୀର ସ୍ୱାମୀ, ମିତ ଭୋଗୀ, ସୁବୁଦ୍ଧି, ସଦାଚାରୀ, ଅତିଥି ପ୍ରିୟ ଓ ଶିକ୍ଷା ଦାନରେ ନିପୁଣ ହେବେ, ମଦ୍ୟପାୟୀ କି ବିବାଦ ପ୍ରିୟ ନ ହୋଇ ବରଂ ମୃଦୁଶୀଳ, ନିର୍ବୋଧ, ନିର୍ଲୋଭ ହେବେ, ନିଜ ପରିବାରକୁ ଉତ୍ତମ ରୂପେ ଶାସନ କରିବେ । ଗାମ୍ଭୀର୍ଯ୍ୟ ସହକାରେ ଆପଣା ସନ୍ତାନମାନଙ୍କୁ ବଶୀଭୂତ କରି ରଖିବେ । (କେହି ଯଦି ଆପଣା ପରିବାରକୁ ଶାସନ କରି ଜାଣେ ନାହିଁ, ତେବେ ସେ କିପରି ମଣ୍ଡଳୀର ତତ୍ତ୍ୱ ନେବ । ସେ ନୂତନ ଶିଷ୍ୟ ହୋଇ ନଥିବେ, କାଳେ ଅସାର ଗର୍ବି ହୋଇ ଶୟତାନ ସଦୃଶ୍ୟ ଦଣ୍ଡଗ୍ରସ୍ତ ହେବେ । ତାହାଙ୍କର ମଧ୍ୟ ବାହାର ଲୋକଙ୍କ ଠାରୁ ସୁଖ୍ୟାତି ପ୍ରାପ୍ତ ହେବା ଆବଶ୍ୟକ । କାଳେ ସେ ନିନ୍ଦାପାଇ ଶୟତାନର ଫାନ୍ଦରେ ପଡ଼ିବ । ଏହି ସବୁ ଯୋଗ୍ୟତା ତୀତସ ୧:୫-୧୬ରେ ଲେଖା ଯାଇଅଛି । ତେଣୁକରି ମଣ୍ଡଳୀର ସବୁ ସଭ୍ୟ ପ୍ରାଚୀନ ହୋଇ ପାରିବେ ନାହିଁ । ଏହିସବୁ

ଯୋଗ୍ୟତା ଥିବା ବ୍ୟକ୍ତିମାନେ ହିଁ ପଦରେ ନିଯୁକ୍ତି ହୁଅନ୍ତି।) (ଏହିପରି ବହୁ ଲୋକ ଏହି ପଦରେ ନିଯୁକ୍ତି ହୁଅନ୍ତି । ଯେଉଁ ମଣ୍ଡଳୀରେ ଏହି ସବୁ ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତି ନଥାନ୍ତି, ସେହି ପଦରେ ଯୋଗ୍ୟତାରେ ବୃଦ୍ଧିପ୍ରାପ୍ତ ହେବାଯାଏଁ ସଭ୍ୟମାନେ ହିଁ ମଣ୍ଡଳୀର କାର୍ଯ୍ୟଭାର ନିର୍ବାହ କରନ୍ତି ।)"

ସେବକମାନେ ମଧ୍ୟ ଅଧ୍ୟକ୍ଷମାନଙ୍କ ସହିତ ସେବା କରିବା ପାଇଁ ନିଯୁକ୍ତି ହୁଅନ୍ତି । ସେମାନେ ପରିଚାରକ ନାମରେ ଖ୍ୟାତ ଏବଂ ସ୍ଥାନୀୟ ଅଧ୍ୟକ୍ଷଙ୍କ ତଳେ କାମ କରିଥାନ୍ତି । ପାଉଲ ସେମାନଙ୍କ ଯୋଗ୍ୟତା ମଧ୍ୟ ଲେଖନ୍ତି, ସେହି ପ୍ରକାରେ ସେବକମାନଙ୍କର ଶୁଦ୍ଧ ବିବେକରେ ବିଶ୍ୱାସରେ ନିଗୂଢ଼ ତତ୍ତ୍ୱ ଅବଲମ୍ବନ କରି ଗମ୍ଭୀର, ଛଳନା ବାକ୍ୟ ରହିତ, ମଦ୍ୟପାନରେ ଅନାସକ୍ତ ଓ କୁତ୍ସିତାଧାନ ଲୋଭରେ ନିର୍ଲୋଭ ହେବା ଆବଶ୍ୟକ, ସେମାନେ ମଧ୍ୟ ପ୍ରଥମେ ପରୀକ୍ଷିତ ହୁଅନ୍ତି ପୁଣି ନିର୍ଦ୍ଦୋଷ ଦେଖାଗଲେ ସେବକ ପଦରେ ନିଯୁକ୍ତି ହୁଅନ୍ତି । ସେହି ପ୍ରକାରେ ସ୍ତ୍ରୀମାନଙ୍କର ମଧ୍ୟ ପର ନିନ୍ଦାକାରିଣୀ ନହୋଇ ଗମ୍ଭୀର, ମିତକାରିଣୀ ଓ ସମସ୍ତ ବିଷୟରେ ବିଶ୍ୱସ୍ତ ହେବା ଆବଶ୍ୟକ । ସେବକମାନେ ଏକ ଏକ ସ୍ତ୍ରୀର ସ୍ୱାମୀ ହୁଅନ୍ତୁ, ପୁଣି ଆପଣା ଆପଣା ସନ୍ତାନମାନଙ୍କୁ ଓ ପରିବାରକୁ ଉତ୍ତମ ରୂପେ ଶାସନ କରନ୍ତୁ । କାରଣ ଯେଉଁମାନେ ଉତ୍ତମ ରୂପେ ସେବକ କର୍ମ କରିଅଛନ୍ତି, ସେମାନେ ଆପଣା ଆପଣା ନିମନ୍ତେ ସୁଖ୍ୟାତ ଏବଂ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସମୂଳକ ବିପୁଳ ସାହସ ଲାଭ କରିବେ । (୧ମ ତିମଥି ୩;୮-୧୩) ।

ଏହା ମଣ୍ଡଳୀର ସ୍ୱର୍ଗୀୟ ପରିଚାଳନା ପଦ୍ଧତି । ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ ଏବଂ ପ୍ରତ୍ୟେତ ସ୍ଥାନୀତ ମଣ୍ଡଳୀର ଆପଣା ଆପଣା ପ୍ରାଚୀନ ଏବଂ ଅଧ୍ୟକ୍ଷ ଥାନ୍ତି । ତାଙ୍କ ଅଧିକାର ତଳେ ପ୍ରଚାରକ,



ଶିକ୍ଷକ ଏବଂ ସଭ୍ୟମାନେ ଥାନ୍ତି । ଗୋଟିଏ ସ୍ଥାନୀୟ ମଣ୍ଡଳୀ ଯଦି ପଥଭ୍ରଷ୍ଟ ହୁଏ, ଅନ୍ୟ ସବୁ ସ୍ଥାନୀୟ ମଣ୍ଡଳୀ ବିଶ୍ୱସ୍ତ ହୋଇ ରହିପାରିବ । କିମ୍ବା ଅନ୍ୟ ସମସ୍ତ ସ୍ଥାନୀୟ ମଣ୍ଡଳୀଲୋପ ପାଇଗଲେ ହେଁ, ଏକ ସ୍ଥାନୀୟ ମଣ୍ଡଳୀ ବିଶ୍ୱସ୍ତ ହୋଇ ରହିପାରେ । ଈଶ୍ୱରଙ୍କ ଯୋଜନାନୁଯାୟୀ ପ୍ରତ୍ୟେକ ଏକ ଏକ ସ୍ୱାଧୀନ ସ୍ଥାନୀୟ ମଣ୍ଡଳୀ । କୌଣସି ମନୁଷ୍ୟ ସ୍ଥାପିତ ନୀତିରେ ଏମାନେ ଜଡିତ ହୁଅନ୍ତି କିନ୍ତୁ ପ୍ରେମରେ ଜଡିତ । ଖ୍ରୀଷ୍ଟଙ୍କ ଠାରେ ଏକ ହୋଇଥିବାରୁ ସେମାନଙ୍କ ମଧ୍ୟରେ ସହଭାଗିତା ଥାଏ ଏବଂ ପ୍ରତ୍ୟେକ ମିଳିମିଶି ଖ୍ରୀଷ୍ଟଙ୍କ କାର୍ଯ୍ୟ କରନ୍ତି । ଏହିଠାରୁ ଉନ୍ନତରେ ରାସ୍ତା ନାହିଁ ।

ବାଇବଲ କୌଣସି ପୃଷ୍ଠାରେ, ପିତର କିମ୍ବା ଆଉ କେହି ମଣ୍ଡଳୀର ମସ୍ତକ ସ୍ୱରୂପ ବୋଲି ଲେଖାଯାଏ ନାହିଁ କିମ୍ବା ବାଇବଲର କୌଣସି ପୃଷ୍ଠାରେ ବିଷପ, ପାଷ୍ଟରମାନେ ସ୍ଥାନୀୟ ମଣ୍ଡଳୀରେ କିମ୍ବା ସ୍ଥାନୀୟ ମଣ୍ଡଳୀ ସମୂହରେ ଆଧିପତ୍ୟ ଥିବା ବିଷୟ କୁହାଯାଏ ନାହିଁ । ବାଇବଲରେ ପୂଜାରୀ (Clergy) ବା ସାଧାରଣ ସଭ୍ୟ (Laity) ବୋଲି ଭେଦ ଦେଖାଯାଏ ନାହିଁ । ଜଗତର ଅନେକ ଧର୍ମନେତାମାନେ ଈଶ୍ୱରଙ୍କ ପାଳନ ପଦ୍ଧତି ତ୍ୟାଗ କରିଥିବାରୁ, ଆଜି ଜଗତରେ ଏବେ ଭେଦଭାବ ଦେଖାଯାଏ । ତେଣୁ କରି, ଆସ ଆମ୍ଭେମାନେ ବାଇବଲର ପାଳନ ପଦ୍ଧତିକୁ ଫେରିଯିବା ।

**ପ୍ରଶ୍ନ :-**

ଦୟାକରି ସଠିକ୍ ଉତ୍ତର ଦିଅନ୍ତି ।

୧. କିଏ ମଣ୍ଡଳୀ ସ୍ଥାପନ କଲେ ।

୨. କାହା ଦ୍ୱାରା ମଣ୍ଡଳୀ ଗଠିତ ?

୩. ଖ୍ରୀଷ୍ଟଙ୍କ ଶରୀର ଆତ୍ମିକ ନା ପାର୍ଥିକ ?

୪.　କେତୋଟି ମଣ୍ଡଳୀ ଦେଖାଯାଏ ?

୫.　ମଣ୍ଡଳୀ ଲକ୍ଷାଧିକ ବ୍ୟକ୍ତି ଦ୍ୱାରା ଗଠିତ ।

୬.　ମଣ୍ଡଳୀର ଦୁଇଟି ଉତ୍ତର ଦିଅ ।

୭.　ମଣ୍ଡଳୀର କର୍ତ୍ତବ୍ୟ ସ୍ଥାନୀୟ, ଜାତୀୟ, ଆନ୍ତଃର୍ଜାତୀୟ ଅଟେ ।

୮.　ଈଶ୍ୱରଙ୍କ ମଣ୍ଡଳୀକୁ ପ୍ରଧାନ ମଣ୍ଡଳୀ (Head Quarter) କାହିଁକି କୁହାଯାଏ ?

୯.　ମଣ୍ଡଳୀର ମସ୍ତକ କିଏ ?

୧୦.　ମଣ୍ଡଳୀର ନେତାମାନଙ୍କୁ କ'ଣ କହନ୍ତି ?

୧୧.　ପ୍ରାଚୀନ ଏବଂ ଅଧ୍ୟକ୍ଷମାନଙ୍କ କାର୍ଯ୍ୟ କ'ଣ ?

୧୨.　ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ କେତେ ଜଣ ପ୍ରାଚୀନ ଏବଂ ସେବକ ରହିବା ଆବଶ୍ୟକ ?

୧୩.　ପ୍ରାଚୀନମାନଙ୍କ ଅନ୍ୟ ନାମ ଗୁଡ଼ିକ କ'ଣ ?

୧୪.　ପ୍ରାଚୀନମାନଙ୍କ ଯୋଗ୍ୟତା କ'ଣ ?

୧୫.　ସେବକମାନଙ୍କ ଯୋଗ୍ୟତା କ'ଣ ?

୧୬.　ଯଦି କୌଣସି ସ୍ଥାନୀୟ ମଣ୍ଡଳୀରେ ପ୍ରାଚୀନ ଏବଂ ସେବକ ହେବାପାଇଁ ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତି ନଥାନ୍ତି, ସେମାନେ କି, ଯେକୌଣସି ବ୍ୟକ୍ତିଙ୍କୁ ସେହି ପଦରେ ନିଯୁକ୍ତି କରିପାରନ୍ତି ?

୧୭.　ଏହିପରି ସମୟରେ କିଏ ମଣ୍ଡଳୀ କିପରି ଚାଳନାକରିବ ?

୧୮.　ସ୍ଥାନୀୟ ମଣ୍ଡଳୀ ଗୁଡ଼ିକ କିପରି ଜଡ଼ିତ ?

୧୯.　ଈଶ୍ୱରଙ୍କ ପଦ୍ଧତିକୁ କି ଆହୁରି ଉତ୍କୃଷ୍ଟ କରାଯାଇ ପାରିବ ?

୨୦.　ବାକ୍ୟ ପ୍ରକାରେ, ପିତର ମଣ୍ଡଳୀର ମସ୍ତକ ସ୍ୱରୂପ ?



୨୧.　ଜଣେ ବ୍ୟକ୍ତି କି ଅନେକ ଗୁଡ଼ିଏ ମଣ୍ଡଳୀ ଉପରେ ବିଷପ ହୋଇପାରନ୍ତି ?

ଜଣେ ବ୍ୟକ୍ତି କି, ଅନେକ ସ୍ଥାନୀୟ ମଣ୍ଡଳୀ ଉପରେ ପାଷ୍ଟର ହୋଇପାରନ୍ତି ?

୨୩.　_Rîæ ú(Clergy) ବା ସାଧାରଣ ସଭ୍ୟ (Laity) ବାଇବଲରେ ଦେଖିବାକୁ ମିଳେ କି ?

୨୪.　ଜଗତରେ ଏତେ ଭେଦ ବିଭେଦ କାହିଁକି ?

୨୫.　ମଣ୍ଡଳୀର ପାଳନ ପଦ୍ଧତି ପାଇଁ ଆମକୁ କେଉଁଠିକୁ ଯିବାକୁ ହେବ ?

❖❖❖

## ସପ୍ତମ ଅଧ୍ୟାୟ

# ମଣ୍ଡଳୀରେ ପ୍ରବେଶ

## (Entering the Church)

ପୂର୍ବ ଅଧ୍ୟାୟ ଗୁଡିକରେ, ମଣ୍ଡଳୀର ପ୍ରାଧାନ୍ୟତା ଉପରେ ଧ୍ୟାନ ଦେଲୁ । ଖ୍ରୀଷ୍ଟ ମଣ୍ଡଳୀ ପାଇଁ ମରଣ ଭୋଗିଲେ (ଏଫିସୀୟ ୫:୧୫), ସେ ଆପଣା ରକ୍ତ ଦେଇ ମଣ୍ଡଳୀକୁ କିଣିଲେ (ପ୍ରେରିତ ୨୦:୨୮) ଏବଂ ଏହାର ତ୍ରାଣକର୍ତ୍ତା ଅଟନ୍ତି (ଏଫିସୀୟ ୫:୨୩) । ଏହିସବୁ ଦ୍ଵାରା ମଣ୍ଡଳୀର ପ୍ରଧାନ୍ୟତା ଦୃଢ଼ ରୂପେ ସ୍ଥାପନ କରିପାରୁ। ପ୍ରଶ୍ନ ଉଠେ, ଯାହାର କିଛି ପ୍ରଧାନ୍ୟତା ନାହିଁ ତା'ପାଇଁ କି ଖ୍ରୀଷ୍ଟ ମରଣ ଭୋଗିଲେ ? ଯାହାର କିଛି ମୂଲ୍ୟ ନାହିଁ, ତା'ପାଇଁ କି ଖ୍ରୀଷ୍ଟ ଆପଣା ରକ୍ତ ବୁହାଇଲେ ? ଯାହା ବିନା ପରିତ୍ରାଣ ମିଳିପାରେ, ତା'ର କି ସେ ତ୍ରାଣକର୍ତ୍ତା ଅଟନ୍ତି ? ଆପଣ ଜାଣନ୍ତି ଯେ, ଏହି ସବୁ ପ୍ରଶ୍ନର ଉତ୍ତର ନାଁ ଅଟେ ।

ପ୍ରକୃତରେ ମଣ୍ଡଳୀ ହିଁ ତ୍ରାଣକର୍ତ୍ତା ବୋଲି, ବାଇବାଲ ଶିକ୍ଷା ଦିଏ ନାହିଁ, କିନ୍ତୁ ପରିତ୍ରାଣ ପ୍ରାପ୍ତି ନିମନ୍ତେ ଜଣକୁ ମଣ୍ଡଳୀରେ ସଂଯୁକ୍ତ ହେବାକୁ ବୋଲି ଶିକ୍ଷାଦିଏ । ଯେପରି ଜାହାଜର ରକ୍ଷାକର୍ତ୍ତା ନଥିଲା, କିନ୍ତୁ ରକ୍ଷା ପାଇବାକୁ ନୋହ ଓ ପରିବାରକୁ ଜାହାଜରେ ପ୍ରବେଶ କରିବାକୁ ପଡିଥିଲା। ମଣ୍ଡଳୀ ସେହିପରି ଏକ ଜାହାଜ ଅଟେ । କେବଳ ତାହା ନୁହେଁ, ଯେଉଁମାନେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ପ୍ରଭୁ ସେମାନଙ୍କୁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ପେଣ୍ଟିକଷ୍ଟ ଦିନରେ ଯେତେ ଲୋକେ ସୁସମାଚାର ଆଜ୍ଞାକାରୀ ହେଲେ ପ୍ରତିଦିନ ପ୍ରଭୁ ସେମାନଙ୍କୁ ମଣ୍ଡଳୀରେ ସଂଯୁକ୍ତ କଲେ, "ପୁଣି ପରଭୁ



ପରିତ୍ରାଣ ପ୍ରାପ୍ତ ହେଉଥିଲା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।" (ପ୍ରେରିତ ୨:୪୭) । ଅତଏବ ଯେ ପରିତ୍ରାଣ ପ୍ରାପ୍ତ ସେ ମଣ୍ଡଳୀର ସଭ୍ୟ । ଯେ ସଭ୍ୟ ନୁହେଁ, ସେ ତ୍ରାଣପ୍ରାପ୍ତ ହୋଇନାହିଁ। ଏହା ଏତେ ସରଳ ଅଟେ । ଅନ୍ୟ ପକ୍ଷରେ କହିଲେ, ମଣ୍ଡଳୀର ବାହାରେ ପରିତ୍ରାଣ ନାହିଁ । ଜଣେ ଖ୍ରୀଷ୍ଟ ମତଶାଖା (denomination)ର ସଭ୍ୟ ନହୋଇ ମଧ୍ୟ ପରିତ୍ରାଣ ପ୍ରାପ୍ତ ହୋଇପାରେ, କିନ୍ତୁ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ନ ହୋଇ ପରିତ୍ରାଣ ପ୍ରାପ୍ତ ହୋଇ ନପାରେ ।

ଜଣେ, ଆପଣାକୁ ଈଶ୍ଵରଙ୍କ ମଣ୍ଡଳୀ ଯୋଗ କରିପାରେ ନାହିଁ କିନ୍ତୁ, ଈଶ୍ଵର ତାକୁ ସଂଯୁକ୍ତ କରନ୍ତି । ଯେହେତୁ ସେ ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ହିଁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ତେଣୁ ମଣ୍ଡଳୀ ପରିତ୍ରାଣ ପ୍ରାପ୍ତମାନଙ୍କ ଦ୍ଵାରା ଗଠିତ । ଈଶ୍ଵର ଜଣେ ମନୁଷ୍ୟର ହୃଦୟ ମନୋଭାବ ପ୍ରଭୃତି ଦେଖି ତାଙ୍କୁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ଯଦି ସେ ଈଶ୍ଵରଙ୍କ ଦୃଷ୍ଟିରେ ଅବିଶ୍ଵସ୍ତ, ତାକୁ ସେ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ଆମେ ଜଣକୁ ମଣ୍ଡଳୀର ସଭ୍ୟ ରୂପେ ଗ୍ରହଣ କରିଥାଉଁ, କାରଣ ଆମେ ବାହ୍ୟିକ ଭାବେ ଆଜ୍ଞାକାରୀ ହେବାର ଦେଖିଥାଉଁ, କିନ୍ତୁ ଈଶ୍ଵର ହୃଦୟ ଦେଖନ୍ତି । ଯେତେବେଳେ ଜଣେ ମଣ୍ଡଳୀରେ ଯୋଗଦିଏ, ବିଭିନ୍ନ ମତଭେଦ ନଥାଇ ତାକୁ ଗ୍ରହଣ କରାଯାଏ । ତେଣୁ କରି, ଈଶ୍ଵର ପ୍ରତ୍ୟେକ ସଂଯୁକ୍ତ ବ୍ୟକ୍ତି ପାଇଁ ଦାୟୀ ଅଟନ୍ତି । କେଉଁମାନେ ପରିତ୍ରାଣ ପ୍ରାପ୍ତ ଲୋକ ମଧ୍ୟରେ ଗଣିତ ଏବଂ ବାହ୍ୟିକ ଭାବେ ସଂଯୁକ୍ତ ସେ ନିଜେ ପୃଥକ କରନ୍ତି ।

ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା ଅଟନ୍ତି ଏବଂ ପରିତ୍ରାଣ ପାଇବା ଲୋକେ ହିଁ ଏଥିରେ ସଂଯୁକ୍ତ ହୁଅନ୍ତି, ତେଣୁ କରି ପ୍ରତ୍ୟେକ ବ୍ୟକ୍ତିଙ୍କର

ଏଥିରେ କିପରି ପ୍ରବୋଶ କରିବାକୁ ହେବ ଜାଣିବା ଆବଶ୍ୟକ । ଏହା ଈଶ୍ୱରଙ୍କ ବାକ୍ୟରେ ସରଳ ଭାବେ ବୁଝାଇ ଦିଆଯାଏ । ବିଶେଷକରି ପ୍ରେରିତମାନଙ୍କ ବୃତ୍ତାନ୍ତରେ ଏହା ସରଳ ଭାବେ ବର୍ଣ୍ଣନା କରାଯାଇଅଛି । ମଣ୍ଡଳୀରରେ ପ୍ରବେଶ କରିବା ପାଇଁ ମୁଖ୍ୟ ପାହାଚ–

୧) ଜଣକୁ ଅବଶ୍ୟ ଖ୍ରୀଷ୍ଟଙ୍କ ସତ୍ୟତା ବିଷୟରେ ଶୁଣିବାକୁ ହେବ । "ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ।

୨) ଜଣକୁ ଈଶ୍ୱରଙ୍କ ଠାରେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାକୁ ହେବ । "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କୁ ଅନ୍ୱେଷଣକାରୀ ମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସକରିବା ଆବଶ୍ୟକ ।" (ଏବ୍ରୀ ୧୧:୬) । ଖ୍ରୀଷ୍ଟକହିଲେ "ତୁମ୍ଭମାନଙ୍କ ହୃଦୟ ଉଦବିଗ୍ନ ନହେଉ, ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର ।" (ଯୋହନ ୧୪:୧) ।

୩) ଆପଣା ପାପରୁ ମନ ପରିବର୍ତ୍ତନ କରିବାକୁ ପଡିବ । "ମୁଁ ତୁମ୍ଭମାନଙ୍କୁ କହୁଅଛି, ନା କିନ୍ତୁ ମନ ପରିବର୍ତ୍ତନ ନକଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।" (ଲୁକ ୧୩;୩) ।

୪) ଜଣକୁ ଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିବାକୁ ହେବ । ଖ୍ରୀଷ୍ଟ ନିଜେ କହିଲେ, "ଆଉ ଯେ କେହି ଲୋକଙ୍କ ସାକ୍ଷାତରେ



ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି ।" (ମାଥିଉ ୧୦;୩୨) ।

୫) ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେବାକୁ ହେବ । ବାପ୍ତିସ୍ମରେ ଜଳରେ ସମାଧି ନେଇଁ (ରୋମୀୟ ୬:୩,୪ ଓ ପ୍ରେରିତ ୮:୩୬,୩୯) । ସେ ବିଶ୍ୱାସକରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ (ମାର୍କ ୧୬:୧୬) । ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ । ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । (ପ୍ରେରିତ ୨:୩୮) ।

ଏହି ପାଠରୁ ଆମେ କ'ଣ ଶିକ୍ଷା କରିଲୁ ? ଈଶ୍ୱର ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ଅର୍ଥାତ୍ ଯେତେବେଳେ ଜଣେ ଈଶ୍ୱରଙ୍କ ଆଜ୍ଞାକାରୀ ହୋଇ, ପରିତ୍ରାଣ ପ୍ରାପ୍ତ ହୁଏ, ସେହି ବ୍ୟକ୍ତି ସ୍ୱାଭାବିକ ଭାବେ ମଣ୍ଡଳୀରେ ସଂଯୁକ୍ତ ହୋଇଯାଏ । ଜଣେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି, ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏହିପରି ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ଈଶ୍ୱର ମଣ୍ଡଳୀରେ ସଂଯୁକ୍ତ କରନ୍ତି ଏହା ଈଶ୍ୱରଙ୍କ ପରିତ୍ରାଣ । ଏହା କେତେ ସରଳ ନୁହେଁ କି ?

ଈଶ୍ୱର କହିଲେ, ଜଳ ଓ ଆତ୍ମାରେ ଜନ୍ମ ନେବା ବିନା କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ (ଯୋହନ ୩:୩-୫) ।

କିନ୍ତୁ ରାଜ୍ୟର ଅର୍ଥ କ'ଣ ? ଏହା ମଣ୍ଡଳୀ ଅଟେ (ମାଥିଉ ୧୬:୧୮-୧୯) । ମଣ୍ଡଳୀରେ ପ୍ରବେଶ କରିବା ପାଇଁ, ଈଶ୍ୱର କି ଦୁଇଟି ପଥ ନିରୂପଣ କଲେ ? କେବେ ନୁହେଁ ? ତେଣୁକରି ଜଣେ ଯେତେବେଳେ ବିଶ୍ୱାସ କରି ବାପ୍ତିସ୍ମ ନିଏ, ସେତେବେଳେ ସେ ଈଶ୍ୱରଙ୍କ ପରିବାରଙ୍କ ପରିବାରରେ ଜନ୍ମ ନିଏ ଯାହା ଈଶ୍ୱରଙ୍କ ମଣ୍ଡଳୀ ଅଟେ ।

ପୁଣି ପାଉଲ କହନ୍ତି, ଆମେ ସମସ୍ତେ ଏକ, ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ (୧ମ କରିନ୍ଥୀ ୧୨:୧୩) । କିନ୍ତୁ ଶରୀରର ଅର୍ଥ କ'ଣ ? ଏହା ମଣ୍ଡଳୀ ଅଟେ । (କଲସୀୟ ୧:୧୮) ତାହା କେତେ ଗୁଡିଏ ରହିଅଛି ? ଏକମାତ୍ର ମଣ୍ଡଳୀ (ଏଫିସୀୟ ୪:୪ ଏଫିସୀୟ ୧:୨୨-୨୩) ଏଥିରେ ଜଣେ କିପରି ପ୍ରବେଶ କରିପାରିବ ? ଖ୍ରୀଷ୍ଟ କହନ୍ତି, ଜଣକୁ ପରିତ୍ରାଣ ପ୍ରାପ୍ତହେବା ନିମନ୍ତେ ବାପ୍ତିସ୍ମ ନେବାକୁ ହେବ (ମାର୍କ ୧୬:୧୬) । ଏହା ପ୍ରକୃତରେ କରିନ୍ଥୀୟମାନେ କରିଥିଲେ (ପ୍ରେରିତ ୧୮:୧୮) ତେଣୁକରି ଜଣେ ଯେତେବେଳେ ବାପ୍ତିଜିତ ହୁଏ, ସେ ମଣ୍ଡଳୀରେ ସଂଯୁକ୍ତ ହୁଏ ଏକ ଅଙ୍ଗ ହୁଏ । ପରିତ୍ରାଣ ପ୍ରାପ୍ତି ନିମନ୍ତେ କେବଳ ଏକମାତ୍ର ପଥ ଏବଂ ଈଶ୍ୱର ସେମାନଙ୍କୁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ଆପଣ କ'ଣ ବାଇବଲର ବର୍ଣ୍ଣିତ ମଣ୍ଡଳୀର ସଭ୍ୟ ଅଟନ୍ତି ? ଯଦି ନୁହେଁ ତାହାହେଲେ, ଆପଣ ପରିତ୍ରାଣ ପ୍ରାପ୍ତ ନୁହନ୍ତି । ଖୋଜନ୍ତି, ଧ୍ୟାନ କରନ୍ତୁ, ଈଶ୍ୱରଙ୍କ ଆଜ୍ଞାକାରୀ ହୁଅନ୍ତୁ ତେବେ ଈଶ୍ୱର ଆପଣଙ୍କୁ ତାଙ୍କ ନିଜ ମଣ୍ଡଳୀରେ ସଂଯୁକ୍ତ କରିବେ ।



**ପ୍ରଶ୍ନ :-**

ଦୟାକରି ସଠିକ୍ ଉତ୍ତର ଦିଅନ୍ତୁ ।

୧) ଗତ ଅଧ୍ୟାୟ ଗୁଡିକରେ ମଣ୍ଡଳୀ ବିଷୟରେ କ'ଣ ଶିକ୍ଷାକଲୁ ?

୨) ମଣ୍ଡଳୀ ପାଇଁ କିଏ ମୃତ୍ୟୁଭୋଗ କଲେ ?

୩) କେଉଁ ଥିରେ ମଣ୍ଡଳୀ କ୍ରୀତ ?

୪) ମଣ୍ଡଳୀର ତ୍ରାଣକର୍ତ୍ତା କିଏ ?

୫) ମଣ୍ଡଳୀର ପ୍ରାଧାନ୍ୟତା ବିଷୟରେ ଆମେ କିପରି ଜାଣିପାରୁ ?

୬) ମଣ୍ଡଳୀ କୌଣସି ପ୍ରାଧାନ୍ୟତା ନାହିଁ ବୋଲି ଲୋକେ କାହିଁକି କହନ୍ତି ?

୭) ମଣ୍ଡଳୀ ରକ୍ଷା କରେ କି ?

୮) ଜଣେ ପରିତ୍ରାଣ ପାଇବାକୁ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ କି ?

୯) ବନ୍ୟାରୁ ରକ୍ଷା ପାଇବା ପାଇଁ ନୋହ ଏବଂ ପରିବାର କେଉଁଠି ପ୍ରବେଶ କରିଥିଲେ ?

୧୦) ଜାହାଜ ବାହାରେ କି ରକ୍ଷା ଥିଲା ?

୧୧) ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ କିଏ ମଣ୍ଡଳୀରେ ସଂଯୁକ୍ତ କରନ୍ତି ?

୧୨) ଏହି ବାକ୍ୟ ବାଇବଲରେ କେଉଁଠି ଲେଖାଯାଇଅଛି ?

୧୩) ଯଦି ଜଣେ ପରିତ୍ରାଣ ପ୍ରାପ୍ତ ହୁଏ, ସେ ସ୍ୱାଭାବିକ ଭାବେ କେଉଁ ମଣ୍ଡଳୀର ସଭ୍ୟ ହୁଏ ?

୧୪) ଜଣେ କି ନିଜେ ମଣ୍ଡଳୀରେ ସଂଯୁକ୍ତ ହୋଇପାରେ ?

୧୫) କେଉଁ ପାଞ୍ଚଟି ପାହାଚ ଦ୍ୱାରା ଜଣେ ମଣ୍ଡଳୀରେ ପ୍ରବେଶ କରିପାରିବ ?
୧୬) ଏହି ଆଜ୍ଞା ପାଳନ ନକରି, ଜଣେ କି ରକ୍ଷା ପାଇପାରେ ?
୧୭) ବାପ୍ତିସ୍ମର ଅର୍ଥ କ'ଣ ?
୧୮) ବାପ୍ତିସ୍ମର ଲକ୍ଷ୍ୟ କ'ଣ ?
୧୯) ରାଜ୍ୟର ଅର୍ଥ କ'ଣ ?
୨୦) ରାଜ୍ୟରେ ପ୍ରବେଶ କରିବା ଏକମାତ୍ର ପଥ କ'ଣ ?
୨୧) ଶରୀରର ଅର୍ଥ କ'ଣ ?
୨୨) କେତୋଟି ଶରୀର ଅଛି ?
୨୩) ଏଥିରେ ଜଣେ କିପରି ପ୍ରବେଶ କରିପାରିବ ?
୨୪) ପରିତ୍ରାଣ ପ୍ରାପ୍ତି ନିମନ୍ତେ କେତୋଟି ମାର୍ଗ ଅଛି ?
୨୫) ମଣ୍ଡଳୀରେ ପ୍ରବେଶ କରିବା ପାଇଁ କେତୋଟି ମାର୍ଗ ଅଛି ?

❖❖❖



**ଅଷ୍ଟମ ଅଧ୍ୟାୟ**

# ମଣ୍ଡଳୀର ଆରାଧନା ପଦ୍ଧତି

**(Worship of the Church)**

ପରିତ୍ରାଣ ପ୍ରାପ୍ତ ଲୋକଙ୍କ ଦ୍ୱାରା ମଣ୍ଡଳୀ ଗଠିତ । ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଆରାଧନା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ପାଉଲ କହିଲେ "ବାକ୍ୟରେ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ'' (କଲସୀୟ ୩:୧୭) ।

ନୂତନ ନିୟମରେ ତିନି ପ୍ରକାର ଆରାଧନା ପଦ୍ଧତି ଦେଖାଯାଏ :-

**ଅଜ୍ଞାନ ଆରାଧନା ପଦ୍ଧତି :–** ପାଉଲ ଯେତେବେଳେ ଆଥିନୀ (Athens) ରେ ଥିବା ଆୟର ପାଗ (Mars hill) ମଧ୍ୟ ସ୍ଥଳରେ ଠିଆ ହୋଇ କହିଲେ, "କାରଣ ମୁଁ ଭ୍ରମଣ କରିବା ସମୟରେ ଆପଣଙ୍କ ପୂଜ୍ୟ ବସ୍ତୁ ସମସ୍ତ ଦେଖୁଁ ଦେଖୁଁ ଗୋଟିଏ ବେଦୀ ମଧ୍ୟ ଦେଖିଲି । ଯାହା ଉପରେ ଏହି କଥା ଲେଖାଅଛି, ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ, ଅତଏବ, ଆପଣମାନେ ନ ଜାଣି ଯାହାଙ୍କର ପୂଜା କରୁଅଛନ୍ତି ମୁଁ ତାହାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି ।" (ପ୍ରେରିତ ୧୭:୨୩) । ସେ କାଳରେ ଲକ୍ଷାଧିକ ଲୋକେ ମୂର୍ତ୍ତି ପୂଜା କରୁଅଛନ୍ତି କେବଳ ତାହା ନୁହେଁ, କିନ୍ତୁ ଆହୁରି ଅଧିକ ଲୋକେ ବାକ୍ୟ ନଜାଣି ଅନେକ ଧର୍ମ ଅବଲମ୍ବନ କରୁଅଛନ୍ତି । ଦ୍ୱିତୀୟରେ କେତେକ ଲୋକେ ଲୋକେ **ବୃଥା ଆରାଧନା** କରନ୍ତି । ଖ୍ରୀଷ୍ଟ କହିଲେ, "ସେମାନେ

ମନୁଷ୍ୟମାନଙ୍କ ବିଧି ଗୁଡ଼ିକୁ ଧର୍ମର ଉପଦେଶ ବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି ।" (ମାଥିଉ ୫:୯) ଅଧିକାଂଶ ଲୋକେ ଏ ରୂପେ ଆରାଧନା କରନ୍ତି । ସେମାନେ ଯେ ଈଶ୍ୱରଙ୍କ ଆରାଧନା କରନ୍ତି ଏହା ସତ୍ୟ କିନ୍ତୁ ଈଶ୍ୱରଙ୍କ ଶିକ୍ଷା ଓ ଇଚ୍ଛା ବିରୁଦ୍ଧରେ କରୁଥିବାରୁ, ସେ ଆରାଧନା ବୃଥା ହୋଇଥାଏ । ତୃତୀୟରେ, ଈଶ୍ୱରଙ୍କ ବାକ୍ୟ **ସତ୍ୟ ଆରାଧନା** ବିଷୟରେ କହେ । ଖ୍ରୀଷ୍ଟ କହିଲେ, ଈଶ୍ୱର ଆତ୍ମା ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି । ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କ ଉଚିତ୍ (ଯୋହନ ୪:୨୪) । କେବଳ ଏହି ପ୍ରକାର ଆରାଧନା ଈଶ୍ୱର ଗ୍ରହଣ କରନ୍ତି । ଏହା ଖ୍ରୀଷ୍ଟଙ୍କ ସମୟରେ ସତ୍ୟଥିଲା ଏବଂ ଏବେ ମଧ୍ୟ ଏହା ସତ୍ୟ ଏଟେ । ଆତ୍ମାରେ ଆରାଧନା କରିବା ଅର୍ଥ ନମ୍ରତା ଓ ବୁଦ୍ଧିର ସହିତ ଆରାଧନା କରିବା । ସତ୍ୟରେ ଆରାଧନା କରିବା ଅର୍ଥ, ଯେପରି ବାକ୍ୟରେ ଲିଖିତ ହୋଇଅଛି ତଦନୁଯାୟୀ ଆରାଧନା କରିବା । ଈଶ୍ୱର ଆରାଧନା କରିବା ପାଇଁ ବାଧ୍ୟ କରନ୍ତି ନାହିଁ, କିନ୍ତୁ ଯେ ତାହାଙ୍କୁ ଆରାଧନା କରେ ତାଙ୍କ ଇଚ୍ଛାନୁଯାୟୀ କରିବା ଉଚିତ୍ ।

ତାହାହେଲେ ଆଜି ମଣ୍ଡଳୀ ଗୁଡ଼ିକରେ କେଉଁ ପ୍ରକାର ଆରାଧନା କରିବା ଉଚିତ୍ । ନିଶ୍ଚୟ ଏହା ଅଜ୍ଞାତ ଆରାଧନା ନୁହେଁ । କିମ୍ବା ମନୁଷ୍ୟ ନିର୍ମିତ ବିଧିବିଧାନ ନୁହେଁ । କିନ୍ତୁ ଈଶ୍ୱରଙ୍କ ଗ୍ରହଣ ଯୋଗ୍ୟ ହେବାପାଇଁ, ଆତ୍ମ ଏବଂ ସତ୍ୟରେ ଆରାଧନା କରିବା ଉଚିତ୍ । ନୂତନ ନିୟମରେ ଆଦିମ ମଣ୍ଡଳୀ କିପରି ଈଶ୍ୱରଙ୍କୁ ଆରାଧନା ବର୍ଣ୍ଣିତ ହୋଇଅଛି ।



୧) ସେମାନେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ନିମନ୍ତେ ଏକତ୍ରିତ ହେଉଥିଲେ । ଯଦିଓ ତୀମଥି ବାଲ୍ୟକାଳରୁ ଶାସ୍ତ୍ରଶିକ୍ଷା କରିଥିଲେ, ତଥାପି ପାଉଲ ତାଙ୍କ ଉତ୍ସାହ ଦେଇ କହନ୍ତି, "ସତ୍ୟ ବାକ୍ୟ ଯଥା ରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣଙ୍କୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର" (୨ୟ ତୀମଥି ୨:୨୫) । ଏହା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ସୂଚାଏ, ବିଶେଷରେ ଯେତେବେଳେ ସେମାନେ ଆରାଧନା ପାଇଁ ଏକତ୍ରିତ ହୁଅନ୍ତି । ବର୍ତ୍ତମାନ କାଳରେ ଈଶ୍ୱର ଆପଣା ସନ୍ତାନମାନଙ୍କୁ ବାକ୍ୟ ଦ୍ୱାରା କଥା କୁହନ୍ତି (ପ୍ରେରିତ ୨୦:୭) । ପାଉଲ ଉପଦେଶ ଦ୍ୱାରା, ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଦେଖିପାରୁ (ପ୍ରେରିତ ୨୦:୭) ।

୨) ସେମାନେ ପ୍ରାର୍ଥନା କରୁଥିଲେ । ପେଣ୍ଟିକଷ୍ଟ ଦିନରେ ଲୋକେ ଈଶ୍ୱରଙ୍କ ଆଜ୍ଞାକରୀ ହେବାପରେ, ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ ସହଭାଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ (ପ୍ରେରିତ ୨:୪୭) । ପ୍ରାର୍ଥନା ଦ୍ୱାରା, ଜଣଙ୍କୁ ସ୍ୱର୍ଗୀୟ ପିତାଙ୍କ ସହିତ କଥୋପକଥନ କରିବାରେ ସୁଯୋଗ ମିଳିଥାଏ । ଯେଉଁମାନେ ଆରାଧନା ପାଇଁ ଏକତ୍ରିତ ହେଇ ଯଦି ପ୍ରାର୍ଥନା ନ କରନ୍ତି ସୋମାନେ କି ପ୍ରକାର ଖ୍ରୀଷ୍ଟିୟାନ ଅଟନ୍ତି ।

୩) ସେମାନେ ପ୍ରଶଂସା ଗାନ କଲେ । ପାଉଲ ଭାଇମାନଙ୍କୁ କହିଲେ, ଗୀତ ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପର ଉତ୍ସାହ

ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । (ଏଫିୟ ୫:୧୯) କଲସୀ ୩:୧୬ ଏବଂ ଏବ୍ରୀ ୧୩:୧୫ ପଢ଼ନ୍ତୁ । ଦୁଇ ପ୍ରକାର ସଂଗୀତ ଦେଖାଯାଏ । ଗୋଟିଏ ମନୁଷ୍ୟ ମୁଖ ନିର୍ଗତ, ଦ୍ୱିତୀୟ ଯାନ୍ତ୍ରିକ । କେଉଁ ପ୍ରକାର ସଂଗୀତ ଈଶ୍ୱର ଋହାନ୍ତି ? ସେ ମୁଖ ନିର୍ଗତ ସଂଗୀତ ହିଁ ଋହାନ୍ତି ।

ପାଉଲ କହନ୍ତି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହୃଦୟରେ ସଂକୀର୍ତ୍ତନ କର । ଆଦିମ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ପ୍ରଶଂସା ଗାନ କଲେ । ବହୁ ଶତାବ୍ଦୀ ପରେ ମନୁଷ୍ୟ ଯାନ୍ତ୍ରିକ ସଂଗୀତ ଯୋଗକଲେ । ଈଶ୍ୱର ଏହା ଆଜ୍ଞା କରି ନଥିଲେ ତେଣୁ ଗ୍ରହଣ କରିବେ ନାହିଁ । ଯାନ୍ତ୍ରିକ ସଙ୍ଗୀତ ଯାନ୍ତ୍ରିକ ପ୍ରାର୍ଥନା ସ୍ୱରୂପ ଅଟେ ।

୪. ପ୍ରଭୁଭୋଜରେ ଭାଗି ହେବା ନିମନ୍ତେ ସେମାନେ ଏକତ୍ରିତ ହେଉଥିଲେ । ଏହାର ଉଦାହରଣ ଆମେ ପ୍ରେରିତ ୨୦:୭ ଦେଖିପାରୁ । ମାଥିଉ ୨୬:୨୬-୨୮ ଏବଂ କରନ୍ଥୀ ୧୧ରେ ଶିକ୍ଷାକରୁ ଖ୍ରୀଷ୍ଟଙ୍କ ଶରୀର ଜ୍ଞାପର୍ଥକେ ରୋଟି ଏବଂ ଖ୍ରୀଷ୍ଟଙ୍କ୍ର ଜ୍ଞାପର୍ଥକେ ଦ୍ରାକ୍ଷାରସରେ ଭାଗି ହେବାକୁ ହେବ । ଏହା ଆମେ ଆଜିଯାଏଁ ପାଳନ କରୁ ।

୫. ସେମାନେ ଆପଣା ଅର୍ଥ ଦାନ କଲେ । ପାଉଲ ଗାଲାତୀୟ ଓ କରନ୍ଥୀ ମଣ୍ଡଳୀକୁ କହନ୍ତି, ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡେନାହିଁ । ଏଥିନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ଧାରା ଅନୁସାରେ ନିଜ ନିଜ ନିକଟରେ କିଛି କିଛି



ସଞ୍ଚୟ କରି ରଖ (୧ମ କରନ୍ଥୀ ୧୬:୨) ଏବଂ ୨ୟ କରନ୍ଥୀ ୯:୭ ପଢ଼ନ୍ତୁ ।

ଏହି ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ (ପ୍ରେରିତ ୨୦:୭, ୧ମ କରନ୍ଥୀ ୧୬:୨) ଈଶ୍ୱରଙ୍କୁ ଆରାଧନା କରିବା ପାଇଁ ଏକତ୍ରିତ ହେଉଥିଲେ । ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାନ୍ତି, ଆମ୍ଭେମାନେ ସେପରି ନକରୁ ବରଂ ପରସ୍ପରକୁ ଉତ୍ସାହ ଦେଉଁ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ (ଏବ୍ରୀ ୧୦:୨୫)। ଆଜି ଖ୍ରୀଷ୍ଟିୟାନମାନେ ମଧ୍ୟ ସେହିପରି ସପ୍ତାହର ପ୍ରଥମ ଦିନରେ ଆରାଧନା କରନ୍ତି । ସେହି ପ୍ରଥା ଏବେ ପର୍ଯ୍ୟନ୍ତ ଚଳି ଆସୁଅଛି ।

ମଣ୍ଡଳୀର ଆରାଧନା ଏତେ ସରଳ ବୋଲି ଅନେକ ଆଶ୍ଚର୍ଯ୍ୟ ହୁଅନ୍ତି । ଅନେକଙ୍କ ଧାରଣା ଯେ, ମଣ୍ଡଳୀର ଆରାଧନା ଦୀର୍ଘ ସମୟ, ପୂର୍ବ ପ୍ରଚଳିତ ବିଧି ବିଧାନୁଯାୟୀ, ପ୍ରାର୍ଥନାର ପୁନରୁକ୍ତିରେ ହେବା ଆବଶ୍ୟକ । କିନ୍ତୁ ସେହିପରି ନୁହେଁ । ଈଶ୍ୱର ଆପଣା ବାକ୍ୟରେ ଆରାଧନା ପଦ୍ଧତି ଦେଇଅଛନ୍ତି ଏବଂ ମନୁଷ୍ୟ ତାକୁ ବଦଳାଇବା ସେ ଇଚ୍ଛା କରନ୍ତି ନାହିଁ । ଏଥିରେ କିଛି ଯୋଗ କଲେ କିମ୍ବା କୌଣସି ବିଷୟ ଲୋପ କଲେ ଈଶ୍ୱରଙ୍କ ଅଭିଶାପ ସେମାନଙ୍କ ଉପରେ ପଡେ । ଈଶ୍ୱର ଯାହା ଆଜ୍ଞା କରିଅଛନ୍ତି ତାହା ମନୁଷ୍ୟ ପାଳନ କରିବା ଆବଶ୍ୟକ । ଏପରି ଭାବେ ଆମେ ଈଶ୍ୱରଙ୍କୁ ସତ୍ୟ ଭାବେ ଉପାସନା, ପ୍ରଶଂସା ଏବଂ ଗୌରବ ଦେଇପାରିବା ।

**ପ୍ରଶ୍ନ :-**

୧) ମଣ୍ଡଳୀ କେଉଁମାନଙ୍କ ଦ୍ୱାରା ଗଠିତ ?
୨) ମଣ୍ଡଳୀର ଉଦ୍ଦେଶ୍ୟ କ'ଣ ?
୩) ଈଶ୍ୱରଙ୍କ ନାମରେ କ'ଣ କରାଯିବା ଉଚିତ ?
୪) ନୂତନ ନିୟମର କେତେ ପ୍ରକାର ଆରାଧନା ଦେଖାଯାଏ ?
୫) ପାଉଲ ଅନେକ ଗୁଡିଏ ମୂର୍ତ୍ତିପୂଜା କେଉଁଠି ଦେଖିବାକୁ ପାଇଲେ ?
୬) ସେମାନଙ୍କ ଆରାଧନା ବିଷୟରେ ପାଉଲ କ'ଣ କହିଲେ ?
୭) ଆଜି କି ଲୋକେ ସେପରି ଆରାଧନା କରନ୍ତି ?
୮) ଈଶ୍ୱରଙ୍କୁ ବୃଥାରେ ଆରାଧନା କରୁଅଛି ବୋଲି କିଏ କହିଥିଲା ?
୯) ସେମାନଙ୍କ ଆରାଧନା କାହିଁକି ବୃଥା ଆରାଧନା ?
୧୦ ବାଇବଲର ସେହି ବାକ୍ୟ ଲେଖନ୍ତୁ ।
୧୧) ଆଜି ବି ଲୋକେ କି ବୃଥା ଆରାଧନା କରନ୍ତି ?
୧୨) ସତ୍ୟ ଆରାଧନାର ଅର୍ଥ କ'ଣ ?
୧୩) ଯୋହନ ୪:୨୪ ଲେଖନ୍ତୁ ।
୧୪) ଈଶ୍ୱରଙ୍କୁ ଆତ୍ମାରେ ଆରାଧନା କରିବା ଅର୍ଥ କ'ଣ ?
୧୫) ଈଶ୍ୱରଙ୍କୁ ସତ୍ୟରେ ଆରାଧନା କରିବା ଅର୍ଥ କ'ଣ ?
୧୬) ଈଶ୍ୱରଙ୍କୁ ଆପଣା ଲେକଙ୍କ ଠାରୁ କିପରି ଆରାଧନା ଋହାନ୍ତି ?
୧୭) ସତ୍ୟ ଆରାଧନା ବିଷୟରେ ଆମେ କେଉଁଠି ପଢ଼ିପାରୁ ?
୧୮) ଆରାଧନା ୫ଟି ବାଗ ଲେଖନ୍ତୁ ?



୧୯) ଈଶ୍ୱର ଆଜି ଆପଣା ସନ୍ତାନମାନଙ୍କ ସହିତ କିପରି କଥା କରନ୍ତି ?
୨୦) ଈଶ୍ୱରଙ୍କ ସନ୍ତାନମାନେ, ତାହାଙ୍କ ସହିତ କିପରି କଥା କୁହନ୍ତି ?
୨୧) କେତେ ପ୍ରକାର ସଙ୍ଗୀତ ରହିଅଛି ?
୨୨) ଈଶ୍ୱର କେଉଁ ପ୍ରକାର ସଙ୍ଗୀତ ଋହାନ୍ତି ?
୨୩) ପ୍ରଭୁ ଭୋଜର ଅର୍ଥ କ'ଣ ?
୨୪) ସପ୍ତାହର କେଉଁ ଦିନରେ ଖ୍ରୀଷ୍ଟିୟାନମାନେ ଆରାଧନା ନିମନ୍ତେ ଏକତ୍ରିତ ହେବା ଉଚିତ ?
୨୫) ଈଶ୍ୱରଙ୍କ ନିର୍ମିତ ଆରାଧନା ପଦ୍ଧତିରେ ମନୁଷ୍ୟ କିଛି ଯୋଗ ବା ବିଯୋଗ କରିପାରେ କି ?

❖❖❖

# ନବମ ଅଧ୍ୟାୟ
# ମଣ୍ଡଳୀର କାର୍ଯ୍ୟ
## (Work of the Church)

ମଣ୍ଡଳୀ କାହିଁକି ସ୍ଥାପନ କରାଗଲା ? ଏହାର ଉଦ୍ଦେଶ୍ୟ କ'ଣ ? ଏହାର କାରଣ କ'ଣ ? ଏହା ଆମେ ବାକ୍ୟରୁ ହିଁ ଖୋଜିବା ।

ସର୍ବପ୍ରଥମେ ମଣ୍ଡଳୀ, ବିଦ୍ୟାଳୟ କିମ୍ବା ଚିକିତ୍ସାଳୟ ଚଳାଇବା ପାଇଁ ଏକ ଜାଗତିକ ବ୍ୟବସାୟୀ ସଂସ୍ଥା ନୁହେଁ । ଟଙ୍କା ରୋଜଗାର ପାଇଁ ବହି ପ୍ରକାଶ କରି ବିକିବା
ଏହାର ବ୍ୟବସାୟ ନୁହେଁ । ଏହି ସବୁ କାର୍ଯ୍ୟ ଚଳାଇବା ଉତ୍ତମ ବିଷୟ, କିନ୍ତୁ ମଣ୍ଡଳୀର ଏହା ଏକମାତ୍ର ଉଦ୍ଦେଶ୍ୟ ନୁହେଁ । ଅଧିକାଂଶ ଧାର୍ମିକ ସଂସ୍ଥାଗୁଡିକ ଏହି ସବୁ ଉପରେ ଅଧିକ ଜୋର ଦେଇ, ଈଶ୍ୱରଙ୍କ ପ୍ରକୃତ ଯୋଜନାରୁ ଦୂରେଇ ଯାଉଛନ୍ତି ।

ବାଇବଲରେ ମଣ୍ଡଳୀର କାର୍ଯ୍ୟ ତିନି ପ୍ରକାର ଦେଖାଯାଏ । ସୁସମାଚାର ପ୍ରକାଶ କରିବା, ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଏବଂ ମଣ୍ଡଳୀର ନିଷ୍ଠା କରିବା ।

୧) ସୁସମାଚାର ପ୍ରଚାର କରିବା ।

ଖ୍ରୀଷ୍ଟ ପୁନରୁତ୍ଥାନ ହୋଇ, ସ୍ୱର୍ଗାରୋହଣ କରିବା ପୂର୍ବରୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଛନ୍ତି । ସେହିସବୁ ପାଳନ



କରିବାକୁ ଶିକ୍ଷାଦେଇ, ସେମାନଙ୍କୁ ଶିଷ୍ୟ କର । ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୧୯-୨୦) । ପୁଣି ସେ ସେମାନଙ୍କୁ କହିଲେ, ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କରି ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ (ମାର୍କ ୧୬:୧୫-୧୬) । ପରେ ଯୁବକ ତୀମଥିକୁ ପାଉଲ ଉତ୍ସାହ ଦେଇ କହିଲେ, "ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦଯୋଗୀ ହୁଅ, ପୁଣି ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର, ପୁଣି ଧମକ ଓ ଉତ୍ସାହ ଦାନ କର ।" (୨ୟ ତୀମଥି ୪:୨) । ଏହିପରି ଅନେକ ବାକ୍ୟରୁ ଦେଖିପାରୁ ଯେ, ସୁସମାଚାର ପ୍ରକାର କରିବା ଈଶ୍ୱରଙ୍କ ଇଚ୍ଛା ଅଟେ ।

ପ୍ରେରିତମାନଙ୍କ ସମୟରେ ମଣ୍ଡଳୀର କାର୍ଯ୍ୟ କ'ଣ ଥିଲା ? ଈଶ୍ୱର ଯାହା ଆଜ୍ଞା କରିଥିଲେ ସଭ୍ୟମାନେ ପାଳନ କରୁଥିଲେ । ସେମାନେ ବାକ୍ୟ ପ୍ରଚାର କରୁଥିଲେ । ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ଏହାର ଅନେକ ଉଦାହରଣ ଦେଖାଯାଏ । ମନ ପରିବର୍ତ୍ତନ କରିବାର ପ୍ରତ୍ୟେକ ସ୍ଥଳରେ, ପ୍ରଚାରକ ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିବା ପାଇଁ ସେଠାରେ ଉପସ୍ଥିତ ଥିଲେ । ପ୍ରେରିତ ୨:୮,୯,୧୦ ଏବଂ ୧୬ ଅଧ୍ୟାୟ ପଢ଼ନ୍ତୁ । କିନ୍ତୁ ପ୍ରଚାର ଏବଂ ଶିକ୍ଷା କେଉଁମାନେ ଦେଉଥିଲେ ? ଯିରୁଶାଲମରେ ଥିବା ଖ୍ରୀଷ୍ଟମାନଙ୍କ ଉପରେ ତାଡନା ଆସିବା ପରେ ଲେଖାଅଛି, "ସେଥିରେ ଯେଉଁମାନେ ଛିନ୍ନ ଭିନ୍ନ ହୋଇଥିଲେ, ସେମାନେ

ଚତୁର୍ଦ୍ଦିଗରେ ଭ୍ରମଣ କରୁଁ କରୁଁ ସୁସମାଚାରର ବାକ୍ୟ ପ୍ରଚାର କଲେ” (ପ୍ରେରିତ ୮:୪)।

ପରେ ସେମାନେ କ’ଣ ପ୍ରଚାର କଲେ? ପୁଣି, ଆପଣ ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ଥିବା ପ୍ରତ୍ୟେକ ଲୋକେ ମନ ପରିବର୍ତ୍ତନ କରିବା ସମୟ ପଢ଼ନ୍ତୁ। ସଂକ୍ଷିପ୍ତରେ, ଖ୍ରୀଷ୍ଟଙ୍କ ଐଶ୍ୱରତା, ଜଣେ ପରିତ୍ରାଣ ପ୍ରାପ୍ତ ହେଲେ କ’ଣ କରିବାକୁ ହେବ, ମଣ୍ଡଳୀର ପ୍ରାଧାନ୍ୟତା ଆରାଧନାର ପଦ୍ଧତି, ଖ୍ରୀଷ୍ଟିୟାନ ଜୀବନର ପ୍ରାଧାନ୍ୟତା, ଇତ୍ୟାଦି ବିଷୟରେ ସେମାନେ ପ୍ରଚାର କରୁଥିଲେ। ପାଉଲ କହିଲେ, “କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୁର୍ଖତା ମାତ୍ର କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ” (୧ମ କରନ୍ଥୀୟ ୧:୧୮)।

ବାକ୍ୟ ପ୍ରଚାର କରିବାକୁ ଈଶ୍ୱର ଆଜ୍ଞା ଦେଲେ ତାହା କେବଳ ନୁହେଁ, ପାଉଲ କହନ୍ତି ବାକ୍ୟର ଶ୍ରବଣ ଦ୍ୱାରା ବିଶ୍ୱାସ ଜାତ ହୁଏ (ରୋମୀୟ ୧୦:୧୭)। ପୁଣି ଖ୍ରୀଷ୍ଟ କହିଲେ, “ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କ ମୁକ୍ତ କରିବ” (ଯୋହନ ୮:୩୨) ପୁଣି, “ତେବେ ଯାହାକୁ ସେମାନେ ବିଶ୍ୱାସ କରିନାହାନ୍ତି ତାହାକୁ ନିକଟରେ କିପରି ପ୍ରାର୍ଥନା କରିବେ? ପୁଣି ଯାହାଙ୍କ କଥା ସେମାନେ ଶୁଣିନାହାନ୍ତି, କିପରି ତାହାଙ୍କର ଠାରେ ବିଶ୍ୱାସ କରିବେ ? ଆଉ ପ୍ରଚାରକ ବିନା କିପରି ସେମାନେ ଶୁଣିବେ? (ରୋମୀୟ ୧୦:୧୪) ସଂକ୍ଷିପ୍ତରେ, ମନୁଷ୍ୟ ମାତ୍ରେ ପାପୀ (ରୋମୀୟ ୩:୨୩ ଓ ରୋମୀୟ ୬:୨୩), ଈଶ୍ୱରଙ୍କ ପ୍ରେମ ପ୍ରଚାର କରିବା ଆବଶ୍ୟକ



(ରୋମୀୟ ୫:୮), ମନୁଷ୍ୟମାନଙ୍କ ନିମନ୍ତେ ଏକ ତ୍ରାଣକର୍ତ୍ତା ଅଟନ୍ତି ବୋଲି ଦେଖାଇବାକୁ ହେବ (ଯୋହନ ୩:୧୬) ଏବଂ ଈଶ୍ୱରଙ୍କ ଆଜ୍ଞାକାରୀ ହେବା ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ (ରୋମୀୟ ୧:୧୬-୧୭ ଓ ମାର୍କ ୧୬:୧୫-୧୬)। ଯେଉଁମାନେ ଈଶ୍ୱରଙ୍କ ଇଚ୍ଛା ବିଷୟରେ ଅଜ୍ଞାତ ଏବଂ ତାଙ୍କ ଆଜ୍ଞାକାରୀ ନୁହନ୍ତି। ସମସ୍ତେ ବିନଷ୍ଟ ହେବେ (୨ୟ ଥେସଲନୀକୀୟ ୧:୭-୯) ତେଣୁ ଈସ୍ୱରଙ୍କ ବାକ୍ୟ ପ୍ରଚାରିତ ହେବା ଉଚିତ।”

୨) ଦରିଦ୍ରମାନଙ୍କୁ ସାହାଯ୍ୟ କରିବା।

ପ୍ରୟୋଜନ ଅନୁଯାୟୀ ପ୍ରତ୍ୟେକଙ୍କର ସାହାଯ୍ୟ କରାଯାଉଥିଲା ବୋଲି ଈଶ୍ୱରଙ୍କ ବାକ୍ୟ କହେ। ଏପରି ସାହାଯ୍ୟ କରିବା ପାଇଁ ସେମାନଙ୍କ ନିକଟରେ ଅର୍ଥ ଥିଲା। ଲେଖାଯାଏ, “ପୁଣି ସେମାନେ ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହା ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ ” (ପ୍ରେରିତ ୨:୪୫) ଏହା ଅବଶ୍ୟ ଆପଣା ସ୍ୱାଧୀନ ଇଚ୍ଛାନୁଯାୟୀ ଥିଲା। କିନ୍ତୁ ପ୍ରେରିତ ୬ ଅଧ୍ୟାୟରେ ଦେଖୁଁ ଯେ, ଗ୍ରୀକ୍ ଭାଷାବାଦୀ ଯିହୂଦୀମାନେ ଏବ୍ରୀୟ ଭାଷାବାଦୀ ଯିହୂଦୀମାନଙ୍କ ବିପକ୍ଷରେ ବଚସା କରିବାକୁ ଲାଗିଲେ, କାରଣ ଦୈନିକ ପରିଚର୍ଯ୍ୟାରେ ସେମାନଙ୍କର ବିଧବାମାନଙ୍କ ଉପେକ୍ଷା କରାଯାଇଥିଲା। ତେଣୁକରି ପ୍ରେରିତମାନେ ସମସ୍ତ ଶିଷ୍ୟମାନଙ୍କୁ ଏକତ୍ରିତ କରି ସେମାନଙ୍କ ମଧ୍ୟରୁ ସାତ ଜଣଙ୍କୁ ମଣ୍ଡଳୀର ଏହି କାର୍ଯ୍ୟ ଦେଖିବା ନିମନ୍ତେ ନିଯୁକ୍ତ କରିବା ପାଇଁ କହିଲେ।

ପାଉଲ ଯିରୁଶାଲମକୁ ଯାଇ ସେଠାରେ ଥିବା ସାଧୁମାନଙ୍କୁ ସାହାଯ୍ୟ

କରିବା ବିଷୟ ଈଶ୍ୱରଙ୍କ ବାକ୍ୟରେ ପାଇଥାଉଁ । "କିନ୍ତୁ ଏବେ ସାଧୁମାନଙ୍କ ସେବା କରିବା ନିମନ୍ତେ ମୁଁ ଯିରୁଶାଲମକୁ ଯାଉଅଛି । କାରଣ ଯିରୁଶାଲମସ୍ଥ ସାଧୁମାନଙ୍କ ମଧ୍ୟରେ ଯେଉଁମାନେ ଦରିଦ୍ର, ସେମାନଙ୍କ ନିମନ୍ତେ ମାକିଦନିଆ ଓ ଆଖାୟାର ମଣ୍ଡଳୀ ସମୂହ ସହଭାଗିତା ସୂଚକ କିଛି ଦାନ ସଂଗ୍ରହ କରିବା ଭଲ ମଣି ଅଛନ୍ତି" (ରୋମୀୟ ୧୫:୨୫-୨୬) । ତେଣୁ କରନ୍ଥୀରେ ଥିବା ବାଇମାନଙ୍କୁ ଲେଖନ୍ତି, "ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଦାନ ସଂଗ୍ରହ କରିବାକୁ ପଡିବ ନାହିଁ, ଏଥି ନିମନ୍ତେ ସପ୍ତାହରେ ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି ସଞ୍ଚୟ କରି ରଖ" (୧ମ କରନ୍ଥୀୟ ୧୬:୧-୧୨) ।

ସାହାଯ୍ୟ କାହାର ଦରକାର ? ସ୍ୱାଭାବିକ ଭାବେ, ପ୍ରୟୋଜନ ଥିବା ଲୋକଙ୍କର ସାହାଯ୍ୟ କରିବା ଆବଶ୍ୟକ । ସେମାନେ ଦରିଦ୍ର, ବୃଦ୍ଧ, ବିଧବା ଆକସ୍ମିତ ସଙ୍କଟରେ ଥିବା, ଅନାଥ ଇତ୍ୟାଦି ଲୋକଙ୍କ ଆବଶ୍ୟକ । ତେଣୁ ଲେଖାଯାଏ, "ଅତଏବ ସୁଯୋଗ ଅନୁସାରେସମସ୍ତଙ୍କର ବିଶେଷତ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁଁ, (ଗାଲାତୀୟ ୬:୧୦) କିନ୍ତୁ ପ୍ରତ୍ୟେକ ଲୋକଙ୍କୁ ସାହାଯ୍ୟ ଆବଶ୍ୟକ ନାହିଁ । ୧ମ ତୀମଥି ୫ମ ଅଧ୍ୟାୟରେ ଦେଖୁ ଯେ, ଯେଉଁ ବ୍ୟକ୍ତି ନିଜ ଗୋଡରେ ନିଜେ ଠିଆ ହୋଇପାରେ ନାହିଁ କିମ୍ବା ନିଃସହାୟ ଏବଂ ଜଣେ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ହୋଇଥାଏ, ସେହିପରି ବ୍ୟକ୍ତିକୁ ସାହାଯ୍ୟ କରିବା ଆବଶ୍ୟକ । ଯେହେତୁ ଈଶ୍ୱରଙ୍କ ଅର୍ଥର ସତ ବିନିଯୋଗ କରିବା ଉଚିତ ।"



ମଣ୍ଡଳୀର ସଭ୍ୟମାନେ ଯେ କେବଳ ସାହାଯ୍ୟ ପାଇବେ ତାହା ନୁହେଁ, କିନ୍ତୁ ମଣ୍ଡଳୀ ଯଦି ସମର୍ଥ୍ୟ ଥାଏ ପ୍ରତ୍ୟେକ ପ୍ରୟୋଜନକାରୀ ସାହାଯ୍ୟ ପାଇବା ଆବଶ୍ୟକ (ଯାକୁବ ୧:୧୭) ଏବଂ ଯାକୁବ ୨ୟ ଅଧ୍ୟାୟ ପଢ଼ନ୍ତୁ । ଏହାଦ୍ୱାରା ଈଶ୍ୱରଙ୍କ ସୁସମାଚାର ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚି ପାରିବ । କିନ୍ତୁ ଏହି ସବୁ କାର୍ଯ୍ୟ ପାଇଁ ଟଙ୍କା କେଉଁଠାରୁ ଆସିବ ? ଦାନ ଦେବାକୁ ଇଚ୍ଛୁକ ସଭ୍ୟମାନଙ୍କ ଠାରୁ ଆସେ (କରନ୍ଥୀୟ ୧୬:୧-୨, ୨ୟ କରନ୍ଥୀୟ ୯:୬-୭) । ଅର୍ଥାତ୍ ସଭ୍ୟମାନେ ଯଦି ଦାନ ନ ଦିଅନ୍ତି ମଣ୍ଡଳୀ ଦରିଦ୍ରମାନଙ୍କ ସାହାଯ୍ୟ କରିବାକୁ ସକ୍ଷମ ହୋଇପାରେ ନାହିଁ ।

୩) ମଣ୍ଡଳୀର ନିଷ୍ଠା କରିବ ।

ନିଷ୍ଠା କରିବାର ଅର୍ଥ, ନିର୍ମିତ କରିବା, ବଳିଷ୍ଠ କରିବା, ଉତ୍ସାହ ଦେବା ଏବଂ ସଭ୍ୟମାନଙ୍କୁ ଆତ୍ମିକ ଭାବେ ବୃଦ୍ଧି ପାଇବାରେ ସାହାଯ୍ୟ କରିବା । କେଉଁ ସବୁ ବିଷୟରୁ ଆମେ ନିଷ୍ଠାପ୍ରାପ୍ତ ହେବା ? ଈଶ୍ୱରଙ୍କ ବାକ୍ୟ, ସହଭାଗିତା, ଆରାଧନାରେ ନିମଗ୍ନ, ପରସ୍ପରକୁ ସାହାଯ୍ୟ କରିବା, ଉତ୍ତମ କାର୍ଯ୍ୟ ଏବଂ ପ୍ରେମ ଇତ୍ୟାଦି ଦ୍ୱାରା ପ୍ରେରିତ ୯:୩୧, ରୋମୀୟ ୧୪:୧୯, ୧ମ କରନ୍ଥୀୟ ୮:୧, ୧ମ ଥେସଲନୀକୀୟ ୫:୧୧, ୧ମ କରନ୍ଥୀୟ ୧୪:୧୬, ୨ୟ କରନ୍ଥୀୟ ୧୩:୧୯ ଏଫିସୀୟ ୪:୧୨ ପଢ଼ନ୍ତୁ ।

ଶେଷରେ ଅନେକ କୌଣସି ବିଶାଳ ସଂସ୍ଥା ମୁଖ୍ୟକର୍ତ୍ତା ଟଙ୍କା ସଂଗ୍ରହ ବିନା ଏପରି କାର୍ଯ୍ୟ କିପରି ଚଳା ଯାଇପାରିବ ବୋଲି ଆଶ୍ଚର୍ଯ୍ୟ ହୁଅନ୍ତି । କିନ୍ତୁ ସବୁଠାରୁ ଈଶ୍ୱରଙ୍କ ମାର୍ଗ ପ୍ରକୃତ ସତ୍ୟ ମାର୍ଗ । ଆମେ ତାଙ୍କ ଇଚ୍ଛା ପାଳନ କରିବା ଦ୍ୱାରା ତାଙ୍କ ପ୍ରଶଂସା, ମହିମା ଓ ଗୌରବ ଦେଇଥାଉଁ ।

ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ସ୍ୱରୂପ ଏବଂ ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଓ ସଭ୍ୟମାନେ ଆଙ୍ଗ ସ୍ୱରୂପ ଅଟନ୍ତି । ସଭ୍ୟମାନଙ୍କ ଦାନ ଦେବାରେ ହିଁ ସମସ୍ତ ବିଷୟ ସକ୍ଷମରେ ଚଳାଇ ପାରିବ ।

ସୁସମାଚାର, ପ୍ରଚାର, ପ୍ରୟୋଜନକାରୀମାନଙ୍କୁ ସାହାଯ୍ୟ କରିବା ମଣ୍ଡଳୀର ନିଷ୍ଠା କରିବା ଦ୍ୱାରା ମନୁଷ୍ୟମାନଙ୍କ ଆତ୍ମା ରକ୍ଷା କରିବା ସଙ୍ଗେ ସଙ୍ଗେ ଈଶ୍ୱର ମଧ୍ୟ ଗୌରବ ପାଇଥାନ୍ତି । ମଣ୍ଡଳୀର ଏହି କାର୍ଯ୍ୟଗୁଡିକ ବ୍ୟତୀତ ଆଉ କୌଣସି କାର୍ଯ୍ୟ ନାହିଁ । ରାଜନୀତି, ବ୍ୟବସାୟ ବା ମଣ୍ଡଳୀକୁ ଗୋଟିଏ ଜାଗତିକ ସଂସ୍ଥାରୂପେ ବଦଳାଇବା ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧ । ଈଶ୍ୱରଙ୍କ ମଣ୍ଡଳୀ ଏକ ଆତ୍ମିକ ଶରୀର ଜଗତରେ ରହି ଏହା ଜାଗତିକ ନୁହେଁ, ଈଶ୍ୱରଙ୍କ ଅଧିକାରୀ ଏବଂ ମନୁଷ୍ୟମାନଙ୍କ ହିତାକର, ଶୁଦ୍ଧ ଓ ପବିତ୍ର, ମନୁଷ୍ୟମାନଙ୍କ ପରିତ୍ରାଣ ଏବଂ ଏହାର ସୃଷ୍ଟି କର୍ତ୍ତାର ଗୌରବର କାରଣ ଅଟେ । ଏହା ଈଶ୍ୱରଙ୍କକ ମଣ୍ଡଳୀର କାର୍ଯ୍ୟ ଏବଂ ଉଦ୍ଦେଶ୍ୟ ।

**ପ୍ରଶ୍ନ :-**

ସଠିକ୍ ଉତ୍ତର ଦିଅନ୍ତି ।

୧) ଈଶ୍ୱରଙ୍କ ମଣ୍ଡଳୀ କେଉଁ ବ୍ୟବସାୟରେ ରହିଅଛି ?
୨) ଧାର୍ମିକ ସଂସ୍ଥାଗୁଡିକ ଲାଭ ନିମନ୍ତେ ବ୍ୟବସାୟ କରନ୍ତି କି ?
୩) ମଣ୍ଡଳୀର କାର୍ଯ୍ୟ କ'ଣ ?
୪) ମାଥିଉ ୨୮:୧୯-୨୦, ମାର୍କ ୧୬:୧୬ରେ ଥିବା ଈଶ୍ୱରଙ୍କ ଆଜ୍ଞା ଲେଖନ୍ତୁ ।
୫) ଆଦିମ ଖ୍ରୀଷ୍ଟିୟାନମାନେ ଛିନ୍ନଭିନ୍ନ ହୋଇ କ'ଣ କରିଥିଲେ ?
୬) ସେମାନେ କେଉଁ କେଉଁ ବିଷୟରେ ପ୍ରଚାର କରିଥିଲେ ?



୭) ବିଶ୍ୱାସ କିପରି ଆସେ ?
୮) କିଏ ଆମକୁ ମୁକ୍ତ କରିବ ?
୯) ମନୁଷ୍ୟ କିପରି ରକ୍ଷା ପାଇବ ?
୧୦) କେଉଁମାନେ ବିନଷ୍ଟ ହେବେ ?
୧୧) ଦରିଦ୍ରମାନଙ୍କ ସାହାଯ୍ୟ କରିବା ମଣ୍ଡଳୀର କର୍ତ୍ତବ୍ୟ ?
୧୨) ଯିରୁଶାଲମର ଦରିଦ୍ର ସାଧୁମାନଙ୍କ ଅଭାବ କିଏ ମୋଚନ କରିଥିଲେ ?
୧୩) ସମସ୍ତଙ୍କର ସାହାଯ୍ୟ କରାଯିବା ଉଚିତ୍ କି ?
୧୪) କେଉଁମାନଙ୍କୁ ପ୍ରଥମେ ସାହାଯ୍ୟ କରିବା ଆବଶ୍ୟକ ?
୧୫) କେଉଁ ନିର୍ଦ୍ଦିଷ୍ଟ ଲୋକଙ୍କୁ ସାହାଯ୍ୟ କରିବା ଆବଶ୍ୟକ ?
୧୬) ମଣ୍ଡଳୀର ବାହାରେ ଥିବା ଲୋକମାନଙ୍କୁ ମଧ୍ୟ ସାହାଯ୍ୟ କରିବା ଉଚିତ୍ କି ?
୧୭) ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ଟଙ୍କା କେଉଁଠାରୁ ଆସେ ?
୧୮) କେତେ ଟଙ୍କା ସଂଗ୍ରହ କରିବା ଉଚିତ୍ ?
୧୯) ନିଷ୍ଠା କରିବା ଅର୍ଥ କ'ଣ ?
୨୦) କେଉଁସବୁ ବିଷୟ ଦ୍ୱାରା ନିଷ୍ଠା କରାଯାଏ ?
୨୧) ଈଶ୍ୱର କିପରି ପ୍ରଶଂସା ଓ ଗୌରବ ପାଇପାରିବେ ?

❖❖❖

**ଦଶମ ଅଧ୍ୟାୟ**

# ମଣ୍ଡଳୀର ଏକତା

**(Unity of the Church)**

ଆଜିର ପ୍ରତ୍ୟେକ ଖ୍ରୀଷ୍ଟିୟ ମତଶାଖା ମଣ୍ଡଳୀର ଏକତା ନିମନ୍ତେ ସଚେତନ ଅଟନ୍ତି । ଏହି ଏକତାର ସଚେତନତା ପ୍ରତ୍ୟେକ ଖ୍ରୀଷ୍ଟିୟାନ ମନକୁ ଛୁଇଁଛି । କାରଣ ଏପରି ଏନେକ ଭାଗ ବିଭାଗ ପ୍ରତ୍ୟେକଙ୍କ ମନରେ ବିରକ୍ତି ସୃଷ୍ଟି କରୁଅଛି । କିନ୍ତୁ ପ୍ରତ୍ୟେକ ଏକ ପଥରେ ରାଜି ନଥିବାରୁ ଏପରି ଏକତା ଆଣିବା କଷ୍ଟକର । ଏକ ଆରକ ମଧ୍ୟରେ କିଞ୍ଚିତ ମାତ୍ର ସାମଞ୍ଜସ୍ୟ ରହି ଅନେକ ପାର୍ଥକ୍ୟ ରହିଥିବାରୁ ଏକତା ଆଣିବା ଅସମ୍ଭବ । ଏହାର ସମାଧାନ କ'ଣ ? ଏହାର ସମାଧାନ ବାଇବଲରେ ହିଁ ମିଳିପାରେ । ପ୍ରକୃତ ଏକତା ନିମନ୍ତେ ପ୍ରତ୍ୟେକ ଆପଣା ଆପଣା ଶିକ୍ଷା, ଧର୍ମ, ବିଧି, ନାମ ମଣ୍ଡଳୀ ପ୍ରମାଣ ପୁସ୍ତକ ତ୍ୟାଗ କରି, ବାଇବଲର ବାକ୍ୟ ପଢ଼ି ଧ୍ୟାନ କରି ଆଜ୍ଞାକାରୀ ହେବାକୁ ପଡ଼ିବ । ସେତେବେଳେ ହିଁ, ଯୋହନ ୧୭ ଅଧ୍ୟାୟ ଲିଖିତ ପ୍ରକୃତ ଏକତା ପାଇପାରିବା । ଏପରି କରିବା ଦ୍ୱାରା ପ୍ରତ୍ୟେକ ଖ୍ରୀଷ୍ଟିୟାନ, ଏକ ବିଶ୍ୱାସ, ଏକ ଶିକ୍ଷା, ଏକ ନାମରେ ସ୍ଥିର ରହି ଏକତ୍ର ଈଶ୍ୱରଙ୍କ କାର୍ଯ୍ୟ କରିପାରିବେ। ମନୁଷ୍ୟମାନଙ୍କୁ ଅନୁସରଣ ନକରି ଖ୍ରୀଷ୍ଟଙ୍କୁ ହିଁ ଅନୁସରଣ କରିବା ଦ୍ୱାରା ସହଜ ଭାବେ ମଣ୍ଡଳୀରେ ଏକତା ଆସିପାରିବ ।

ମତଭେଦ ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧ ଅଟେ । ଯେଉଁ ଜନ ଭାଇମାନଙ୍କୁ ଧିରେ ବିଭକ୍ତ ଓ କଳିର ବୀଜ ବୁଣାଏ ଈଶ୍ୱର ତାକୁ ଘୃଣା



କରନ୍ତି (ହିତୋପଦେଶ ୬:୧୯) । ୧ମ କରନ୍ଥୀରେ ୧ମ ଅଧ୍ୟାୟରେ, କରନ୍ଥୀରେ ଥିବା ମଣ୍ଡଳୀ ବିଭକ୍ତ ହେବାର ଦେଖିଥାଉଁ ପ୍ରେରିତ ପାଉଲ ଏପରି ବିଷୟରେ ସେମାନଙ୍କୁ ଦୋଷୀ ନକରି ଏବଂ ସେହିପରି ଦଳ ମୂଳରୁ ନାଶ କରିବାକୁ ପଦକ୍ଷେପ ନେଇଥିଲେ । "ହେ ଭାଇମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ନାମରେ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳ ଭେଦ ନହୁଏ, କିନ୍ତୁ ଏକ ମନରେ ଏକ ବିଚାରରେ ସମ୍ମିଳିତ ହୁଅ ।" (୧ମ କରନ୍ଥୀ ୧:୧୦) । ତତ୍‌ପରେ ସେମାନଙ୍କ ତିନୋଟି ପ୍ରଶ୍ନ ପଚାରିଛନ୍ତି, "ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ? ସେମାନଙ୍କ ନିମନ୍ତେ ପାଉଲ କି କ୍ରୁଶରେ ହତ ହୋଇଥିଲେ ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲେ ? ଏହି ପ୍ରତ୍ୟେକ ପ୍ରଶ୍ନର ଉତ୍ତର 'ନା' ଅଟେ । ବିଭକ୍ତ ହେବା ଯେ କେତେ ଅସଙ୍ଗତ ସେ ଏଠାରେ ଦେଖାଇଛନ୍ତି ।"

ସେହି ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିରେ ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କ ଠାରୁ ପୃଥକ୍ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, କାରଣ ଏହିପରି ଲୋକେ ଏହିପରି ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଙ୍କ ଦାସ ନୁହନ୍ତି । କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟ ବାକ୍ୟ ଓ ଚାଟୁ ଭାଷାରେ ସରଳ ହୃଦୟ ଲୋକଙ୍କ ମନ ଭୁଲାନ୍ତି" (ରୋମୀୟ ୧୬:୧୭-୧୮) । କଲସୀୟ ୨୦:୨୨-୨ ରେ କହନ୍ତି, "ତୁମ୍ଭେମାନେ ଯଦି ଖ୍ରୀଷ୍ଟଙ୍କ ସହିତ ଜଗତର ପ୍ରାଥମିକ ଶିକ୍ଷା ପ୍ରତି

ମୃତ ହୋଇଅଛି, ତେବେ ମନୁଷ୍ୟର ବିଧି ଓ ଶିକ୍ଷାନୁସାରେ, ଧର ନାହିଁ ଖାଅ ନାହିଁ ବା ଛୁଅଁ ନାହିଁ । ସାଂସାରିକ ଲୋକ ପରି ଏହି ପ୍ରକାର ବିଧି ବିଧାନର କାହିଁକି ବଶୀଭୂତ ହେଉଅଛ ? ଏହିସବୁ ଭୋଗ ଦ୍ୱାରା କ୍ଷୟ ପାଏ” (ମାଥିଉ ୫:୯) ।

ଏହିସବୁ ବାକ୍ୟର ସାର ହେଲା ମନୁଷ୍ୟମାନଙ୍କ ଶିକ୍ଷା ମନୁଷ୍ୟମାନଙ୍କ ନୀତି ନିୟମ ଆଜ୍ଞା । ବାଇବଲ ବ୍ୟତୀତ ଅନ୍ୟ ପୁସ୍ତକ ଅନୁସରଣ କରିବା ଦ୍ୱାରା ମଣ୍ଡଳୀର ଦଳଭେଦ ସୃଷ୍ଟି କରେ । ଅନ୍ୟ ପକ୍ଷରେ ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ଦ୍ୱାରା ହିଁ ଏକତା ଲାଭ କରାଯାଇପାରେ । ଖ୍ରୀଷ୍ଟ ଏପରି ପ୍ରାର୍ଥନା କଲେ, ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁନାହିଁ ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି । ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ ଠାରେ ଅଛି ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ (ଯୋହନ ୧୭:୨୦-୨୧) । ଯାହା ଅସମ୍ଭବ, ତା’ ପାଇଁ କି ଖ୍ରୀଷ୍ଟ ପ୍ରାର୍ଥନା କରିଥିଲେ ? ନୁହେଁ । ତେବେ, ଏକତା କିପରି ଅଣାଯାଇ ପାରିବ ? ଯେବେ ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ହିଁ ଅନୁସରଣ କରିପାରୁ । ମନୁଷ୍ୟମାନଙ୍କ ଶିକ୍ଷା ଆମ୍ଭମାନଙ୍କୁ ବିଭକ୍ତ କରେ କିନ୍ତୁ ବାଇବଲ ଆମ୍ଭମାନଙ୍କୁ ଏକତ୍ର କରେ ।

ଏଫିସୀୟ ୪:୧-୬ରେ ଆମ୍ଭମାନେ ଏକତାର ଏକ ସୂତ୍ର



ଦେଖିବାକୁ ପାଉଁ । “ଅତଏବ ପ୍ରଭୁଙ୍କ ହେତୁ ବନ୍ଦୀ ଯେ ମୁଁ, ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୁତ ହୋଇଅଛ, ସେଥିର ଯୋଗ୍ୟ ଆଚରଣ କର, ଅର୍ଥାତ୍ ସର୍ବପ୍ରକାର ନମ୍ରତା ଓ ଦୀର୍ଘ ସହିଷ୍ଣୁତା ସହ ପ୍ରେମରେ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ, ଶାନ୍ତିରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ । ଏକ ଶରୀର ଓ ଆତ୍ମା, ଯେଉଁରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୂତ ହୋଇଅଛ, ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ, ସମସ୍ତଙ୍କ ଏକ ଈଶ୍ୱର ଓ ପିତା, ସେ ସମସ୍ତଙ୍କ ଉପରେ, ସମସ୍ତଙ୍କ ମଧ୍ୟରେ ଏବଂ ସମସ୍ତଙ୍କର ଅନ୍ତରରେ ଅଛନ୍ତି ।” ଏହା ଏକତାର ସୂତ୍ର । ପ୍ରତ୍ୟେକ ବିଷୟ କେବଳ ଥରେ ମାତ୍ର ବ୍ୟବହାର କରିବା ଦେଖାଯାଏ । କିଏ କହେ ଯେ, ଏହା ଏକାଧିକ ଭାବେ ବ୍ୟବହୃତ ହୋଇଅଛି ।

ଖ୍ରୀଷ୍ଟ ଆପଣା ମଣ୍ଡଳୀ ସ୍ଥାପନ କରିବି ବୋଲି କହିବା କଥାରେ ହିଁ ମଣ୍ଡଳୀର ଏକତାର ଭାବ ସୃଷ୍ଟି ହୁଏ, (ମାଥିଉ ୧୬:୧୮) । ଅର୍ଥାତ୍ ଏକ ଏବଂ ତାହା ତାଙ୍କ ଆତ୍ମିକଶରୀର (୧ମ କରନ୍ଥୀ ୧୨:୨୭) । ଏବଂ ସେ ତାହାର ମସ୍ତକ ସ୍ୱରୂପ ଅଟନ୍ତି (କଲସୀୟ ୧:୧୮) । କେହି ଖ୍ରୀଷ୍ଟଙ୍କର ଦୁଇଟି ଶରୀର କିମ୍ବା ଦୁଇଟି ମସ୍ତକ ଅଚି ବୋଲି ଦାବୀ କରିପାରେ ନାହିଁ । ମଣ୍ଡଳୀ ଈଶ୍ୱରଙ୍କ ଗୃହ ଏବଂ ଈଶ୍ୱରଙ୍କ ପରିବାର ସ୍ୱରୂପ (୧ମ ତୀମଥି ୩:୧୫) । କିନ୍ତୁ କେତୋଟି ଗୃହ ଓ ପରିବାର । ଅବଶ୍ୟ ଏକମାତ୍ର । ଏହା ଈଶ୍ୱରଙ୍କ କିମ୍ବା ଖ୍ରୀଷ୍ଟଙ୍କର ରାଜ୍ୟ ଏବଂ ଖ୍ରୀଷ୍ଟ ଏହାର ରାଜା ଅଟନ୍ତି ବୋଲି ବାକ୍ୟ ଦ୍ୱାରା ଜାଣିପାରୁ, (ଯୋହନ ୩:୩-୫) । (କଲସୀୟ ୪:୧୧, ତୀମଥି ୬:୧୫) । କେତୋଟି ରାଜ୍ୟ ଖ୍ରୀଷ୍ଟଙ୍କର ଅଛି ଏବଂ କେତୋଟି ରାଜା ଅଛନ୍ତି ? ଅବଶ୍ୟ

ଏକମାତ୍ର ରାଜା ଓ ଏକମାତ୍ର ରାଜା ଖ୍ରୀଷ୍ଟ ଅଟନ୍ତି ।

ଏପରି ଅନେକ ଉଦାହରଣ ଆମେ ଦେଇପାରିବା । ପ୍ରକୃତରେ, ଖ୍ରୀଷ୍ଟିୟ ମତଶାଖା (denominationalim) ବାଇବଲର ବାକ୍ୟ ବିରୁଦ୍ଧ । ଅନ୍ୟ ପକ୍ଷରେ ଏହା ଏକତା, ସଂପୂର୍ଣ୍ଣତା ବିଷୟରେ ଶିକ୍ଷା ଦିଏ । ବାଇବଲ ମଣ୍ଡଳୀ ଯେ ବିବିଧ୍ ଧର୍ମାବଲମ୍ବୀମାନଙ୍କ ବିଭିନ୍ନ ବିଶ୍ବାସ ଧାରା ଦ୍ୱାରା ଗଠିତ ହୋଇଅଛି ବୋଲି ନକହି, ବରଂ ଏହା ଯେ ଈଶ୍ୱରଙ୍କର ଏବଂ ଆହ୍ୱାନପ୍ରାପ୍ତ ମାନଙ୍କର, ଈଶ୍ୱରଙ୍କ ଅନୁସରଣକାରୀ ଆଜ୍ଞାକାରୀ ହୋଇ ପରିତ୍ରାଣ ପ୍ରାପ୍ତି ପାଇବା ଲୋକଙ୍କ ଦ୍ୱାରା ଗଠିତ ବୋଲି ସାକ୍ଷ୍ୟ ଦିଏ । ଖ୍ରୀଷ୍ଟ କିମ୍ବା ତାଙ୍କ ମଣ୍ଡଳୀ ବିଭକ୍ତ ହୋଇନାହିଁ । ଦଳଭେଦ ହେବା ଖ୍ରୀଷ୍ଟଙ୍କର ଓ ତାଙ୍କ ପ୍ରାର୍ଥନାର ବିରୁଦ୍ଧରେ ହୋଇଥାଏ ।

ପ୍ରଶ୍ନ :-

ସଠିକ୍ ଉତ୍ତର ଦିଅନ୍ତୁ ।

୧) ଆଜି ମଣ୍ଡଳୀରେ କି ଏକତାର ଆବଶ୍ୟକତା ଅଛି ?
୨) ଏକତା ଆଶୀର୍ବାଦରେ ଏପରି ଉତ୍ସାହ କାହିଁକି ଦେଖାଯାଏ ?
୩) ବିଭିନ୍ନ ଧାରାରେ ଏକତା ଅଣାଯାଇ ପାରେ କି ?
୪) ଏକତା କିପରି ଅଣାଯାଇ ପରିବ ?
୫) ଏକତା ପାଇଁ ମନୁଷ୍ୟମାନଙ୍କୁ କେଉଁ ବିଷୟ ସବୁ ତ୍ୟାଗ କରିବାକୁ ପଡ଼ିବ ?
୬) ଆମେ ସମସ୍ତେ ଏକ ହେବା ନିମନ୍ତେ କିଏ ପ୍ରାର୍ଥନା କରିଥିଲେ ?
୭) ଏକତାର ଫଳାଫଳ କ'ଣ ?
୮) ଦଳଭେଦ ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧ କି ?
୯) ଈଶ୍ୱର କେଉଁମାନଙ୍କୁ ଘୃଣା କରନ୍ତି ?



୧୦) ୧ମ କରନ୍ଥୀ ୧:୧୦ କଅଣ କହେ ?
୧୧) ପାଉଲ କରନ୍ଥୀ ମଣ୍ଡଳୀକୁ କରିଥିବା ତିନୋଟି ପ୍ରଶ୍ନ ଲେଖନ୍ତୁ ।
୧୨) କେଉଁ ଲୋକମାନଙ୍କୁ ଚିହ୍ନି ରଖି ସେମାନଙ୍କ ଠାରୁ ପୃଥକ୍ ରହିବା ଆବଶ୍ୟକ ?
୧୩) ସେମାନେ କାହାର ସେବା କରନ୍ତି ?
୧୪) ସେମାନଙ୍କ ସହିତ କିପରି ସମ୍ବନ୍ଧ ରଖିବା ଉଚିତ ?
୧୫) କେଉଁମାନେ ଈଶ୍ୱରଙ୍କୁ ବୃଥାରେ ଆରାଧନା କରନ୍ତି ?
୧୬) ଖ୍ରୀଷ୍ଟଙ୍କ କ'ଣ ପାଇଁ ପ୍ରାର୍ଥନା କଲେ ?
୧୭) ସେ କି ଅସମ୍ଭବ ବିଷୟରେ ପ୍ରାର୍ଥନା କଲେ ?
୧୮) ଏକତାର ସୂତ୍ର ବର୍ଣ୍ଣନା କରନ୍ତୁ ।
୧୯) ପ୍ରତ୍ୟେକ ସୂତ୍ର କେତେ ଥର ବର୍ଣ୍ଣନା କରାଯାଇଅଛି ?
୨୦) ଖ୍ରୀଷ୍ଟ କେତେ ଗୁଡିଏ ମଣ୍ଡଳୀ ସ୍ଥାପନ କଲେ ?
୨୧) ମଣ୍ଡଳୀର ଅର୍ଥ କ'ଣ ?
୨୨) ମଣ୍ଡଳୀର ମସ୍ତକ କିଏ ?
୨୩) ଖ୍ରୀଷ୍ଟଙ୍କର ଏକାଧିକ ଶରୀର କିମ୍ବା ମସ୍ତକ ଅଛି କି ?
୨୪) ଈଶ୍ୱରଙ୍କର କେତୋଟି ପରିବାର ଏକତ୍ର କରେ ବିଭାଗ କରେ ?
୨୫) ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଏକତ୍ର କରେ କି ବିଭାଗ କରେ ?

❖❖❖

### ଏକାଦଶ ଅଧ୍ୟାୟ

# ମଣ୍ଡଳୀର ବିଶ୍ୱାସ

## (Creed of the Church)

କ୍ରିଡ଼ୋ (Creedo) ବୋଲି ଲାଟିନ୍ ଶବ୍ଦରୁ, ଇଂରେଜ ଶବ୍ଦ କ୍ରିଡ଼ (Creed) ଆନୀତ । ଏହି କ୍ରିଡ଼ ଶବ୍ଦର ଅର୍ଥ ହେଲା, "ବିଶ୍ୱାସ, ଅଧିକାର ପୂର୍ବକ ଧାର୍ମିକ ସୂତ୍ର, କୌଣସି ଏକ ସୂତ୍ର ବା ସ୍ୱୀକାରର ଧାର୍ମିକ ସୂତ୍ର, ସ୍ୱୀକୃତ ସିଦ୍ଧାନ୍ତ ଅଭିପ୍ରାୟ ସଂଗ୍ରହ ।" ବିଶ୍ୱାସ ପ୍ରମାଣର ଅର୍ଥ କେତେକ 'ପ୍ରେରିତମାନଙ୍କ ବିଶ୍ୱାସ ପ୍ରମାଣ'(The Aposite Creed) ଓ 'ନାୟସିନ ବିଶ୍ୱାସ-ପ୍ରମାଣ' (The Nicene Creed) ବୋଲି ଜାଣନ୍ତି । ଏଥିରୁ କୌଣସି ଗୋଟିଏ ମଧ୍ୟ ବାଇବଲରେ ଦେଖାଯାଏ ନାହିଁ । ପ୍ରତ୍ୟେକ ସ୍ଥାପିତ ମଣ୍ଡଳୀର ଆପଣା ବିଶ୍ୱାସ ପ୍ରମାଣ ପୁସ୍ତକ ରହୁଥାଏ, ଯେଉଁଥିରେ ସେହି ମଣ୍ଡଳୀର ନିୟମାବଳୀ, ଅନୁଶାସନ, ସ୍ୱୀକୃତ ବିଶ୍ୱାସ ଇତ୍ୟାଦି ବର୍ଣ୍ଣିତ ଥାଏ । କିନ୍ତୁ ଏପରି ପୁସ୍ତକ ଗୁଡିକ ଈଶ୍ୱରଙ୍କ ବାକ୍ୟରେ ଅଧିକା ଯୋଗ କରାଯାଇଥାଏ ।

ବାଇବଲ ଠାରୁ ଅଧିକ ନିୟମ ଥିବା ପ୍ରମାଣ ପୁସ୍ତକ (Creed book) ଅତ୍ୟାଧିକ ଅଟେ ଏବଂ ବାଇବଲ ଠାରୁ କମ୍‌ଥିବା ପ୍ରମାଣ ପୁସ୍ତକ ବହୁତ କମ୍ ଅଟେ । ଯେଉଁ ପ୍ରମାଣ ପୁସ୍ତକରେ ବାଇବଲରେ ଥିବା ବିଷୟ ହିଁ ରହିଅଛି, ତାହାର ପ୍ରୟୋଜନ ନାହିଁ, କାରଣ ପୂର୍ବରୁ ହିଁ ଆମ ପାଖରେ ବାଇବଲ ଅଛି । (ପ୍ରକାଶିତ ବାକ୍ୟ ୨୨:୧୮-୧୯) ଓ ଗାଲାତୀୟ ୧:୬-୯ ରେ ଈଶ୍ୱରଙ୍କ ବାକ୍ୟରୁ କୌଣସି ବିଷୟ ଯୋଗ କିମ୍ବା ଲୋପ କରିବା ଲୋକ ଦଣ୍ଡନୀୟ ବୋଲି ଦେଖିପାରୁ ।



ଅନ୍ୟ ପକ୍ଷରେ ଈଶ୍ୱରଙ୍କ ବାକ୍ୟ ସଂପୂର୍ଣ୍ଣ ( ୨ୟ ତୀମଥି ୩:୧୬-୧୭-ସିଦ୍ଧ) (ଯାକୁବ ୧:୨୫) ଏବଂ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ, ପ୍ରଚାରକ ପରି ପ୍ରଚାର କରିବାକୁ ହେବ ( ୧ମ ପିତର ୪:୧୧) । ତେଣୁ ବାଇବଲ ଠାରୁ ଅଧିକା ପୁସ୍ତକ ଗୁଡ଼ିକର ଆବଶ୍ୟକତା ନାହିଁ ।

ଆଜିର ଦଳଭେଦ ମନୁଷ୍ୟ ନିର୍ମିତ ପଦ୍ଧତିର ଅନୁସରଣ କରିବା ଫଳରେ ଆସିଅଛି, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଅନୁସରଣ କରିବା ଦ୍ୱାରା ଆସିନାହିଁ । ପ୍ରତ୍ୟେକ ମଣ୍ଡଳୀର ନିଜ ନିଜ ନୀତି ନିୟମ ରହିବା ଉଚିତ୍ ବୋଲି ଅନେକ ମନେ କରନ୍ତି ନୁହେଁ । କିନ୍ତୁ ଏହାଦ୍ୱାରା ଆମେ ଈଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ଯାଇଥାଉ । ଏହା କେତେ ଦୁଃଖମୟ ବିଷୟ । ତେଣୁକରି ଆସ ଆମ୍ଭେମାନେ ମନୁଷ୍ୟ ନିର୍ମିତ ସମସ୍ତ ପଦ୍ଧତି ତ୍ୟାଗ କରି, ଈଶ୍ୱରଙ୍କ ବାକ୍ୟ ମଧ୍ୟକୁ ଫେରିଯିବା । ଏହା ଆମକୁ ବିଭକ୍ତ ନକରି, ବରଂ ଯୀଶୁଖ୍ରୀଷ୍ଟଠାରେ ଏକତ୍ର କରେ ।

ଈଶ୍ୱରଙ୍କ ମଣ୍ଡଳୀର ବିଶ୍ୱାସ କ'ଣ ? ଖ୍ରୀଷ୍ଟଙ୍କ ବ୍ୟତୀତ ତ୍ରାଣକର୍ତ୍ତା କେହି ନାହିଁ, ବାଇବଲ ବ୍ୟତୀତ କୌଣସି ପୁସ୍ତକ ନାହିଁ । ଆମ ନିଜର ମତ ନିଜର ନିୟମ ମୂଲ୍ୟହୀନ । ବାଇବଲକୁ ଅନ୍ୟଭାବରେ ଅନୁଭବ (Private interpretion) କରାଯାଇ ନପାରେ ବାଇବଲ ହିଁ ଆମର ସବୁ କିଛି । ଏହାର ଆମେ ଆଜ୍ଞାକାରୀ ହୋଇ, ଅନ୍ୟମାନଙ୍କୁ ମଧ୍ୟ ଏହାର ଆଜ୍ଞାକାରୀ ହେବାକୁ ଶିକ୍ଷା ଦେଉ । ଆମେ ପ୍ରତ୍ୟେକଙ୍କୁ ବାଇବଲ ପଢ଼ି ତାହା ଧ୍ୟାନ କରିବାକୁ (ଯୋହନ ୫:୩୯, ୨ୟ ତୀମଥି ୨:୧୫) ଏବଂ ତଦନୁଯାୟୀ ଚାଲିବାକୁ ଉତ୍ସାହ ଦେଇଥାଉଁ ।

ଆମେ ବାଇବଲ ବ୍ୟତୀତ କୌଣସି ଅଧିକା ପୁସ୍ତକ ଅନୁସରଣ

କରୁନାହିଁ । କୌଣସି ମନୁଷ୍ୟ ବାଇବଲ ପରି ପୁସ୍ତକ ଲେଖିପାରିବ ଓ ଈଶ୍ୱର ଯେ ଏପରି ଅଧିକାର କାହାକୁ ଦେବେ, କିମ୍ବା ପବିତ୍ର ଆତ୍ମା ଯେ ଏପରି ପୁସ୍ତକ ଲେଖିବା ପାଇଁ କାହାକୁ ପ୍ରେରଣ ଦେବେ, ଏହା ଆମେ ବିଶ୍ୱାସ କରୁନାହୁଁ ।

ଏହା ଈଶ୍ୱରଙ୍କ ବାକ୍ୟ ଏବଂ କେବଳ ଈଶ୍ୱରଙ୍କ ବାକ୍ୟ ଯାହା ଈଶ୍ୱରଙ୍କ ଠାରୁ ଆସିଅଛି । ଯାହା ଈଶ୍ୱରଙ୍କ ପ୍ରେରଣାରୁ ଆସିଅଛି ଏବଂ ଆମ୍ଭମାନଙ୍କୁ ପରିତ୍ରାଣ ଦେଇପାରେ । ପୁଣି ଏହି ବାକ୍ୟ ହିଁ ଆମକୁ ଶେଷ ଦିନରେ ବିଚାର କରିବ (ଯୋହନ ୧୨:୪୮) । ଏହି ସବୁ କାରଣରୁ ଆମେ ବାଇବଲକୁ ଆମର ପଛ ଦର୍ଶକ ରୂପେ ଗ୍ରହଣ କରିଅଛୁ ଏବଂ ଏହା ପଥ ଦର୍ଶକ ରୂପେ ଗ୍ରହଣ କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହ ଦେଇଥାଉଁ ।

ଆମେ ବାଇବଲ ବାକ୍ୟ ନିକଟରେ ଯାଉଁ କାରଣ ଏହା ସତ୍ୟ ଅଟେ (ଯୋହନ ୧୭:୧୭, ଶ୍ୱଫରଙ୍କଙ୍ଗ ୮:୩୨) । ସତ୍ୟର ଭଣ୍ଡାର ନିକଟରେ ନଗଲେ କେହି ସତ୍ୟର ସନ୍ଧାନ ପାଇ ନପାରେ । ତେଣୁକରି ସତ୍ୟରେ ବିଶ୍ୱାସ କରିବା ପାଇଁ, ପ୍ରଥମେ ସତ୍ୟ ଶ୍ରବଣ କରିବାକୁ ହେବ (ରୋମୀୟ ୧୦:୧୭) । ସତ୍ୟତା ବିଷୟରେ ଅନେକ ଭ୍ରାନ୍ତ ହୋଇଥିବାରୁ ଅନେକ ଦଳଭେଦ ଦେଖାଯାଏ । ଈଶ୍ୱରଙ୍କ ପାଖରେ ସାହାଯ୍ୟ ନମାଗି ଅନ୍ୟ ଜଣ ମନୁଷ୍ୟର ସାହାଯ୍ୟ ଲୋଡ଼ୁଛନ୍ତି । ଅନେକ ବାଇବଲ ବାକ୍ୟ ଆଜ୍ଞାକାରୀ ନହୋଇ, ମନୁଷ୍ୟମାନଙ୍କ ସ୍ୱଶିକ୍ଷାର ଆଜ୍ଞାକାରୀ ହୋଇଅଛନ୍ତି । ତେଣୁ କରି ସେମାନଙ୍କୁ ପରିତ୍ରାଣ ପାଇବା ନିମନ୍ତେ ବାଇବଲର ଶିକ୍ଷାକୁ ଫେରି ଆସିବାକୁ ପଡ଼ିବ ।



ଆମ୍ଭେମାନେ ମଣ୍ଡଳୀ ବିଷୟକ ସତ୍ୟ ପାଇଁ ଅନ୍ୟମାନଙ୍କୁ ବାଇବଲକୁ ଫେରିଯିବା ପାଇଁ ଉତ୍ସାହ ଦେବା ଉଚିତ୍ । ଜଗତରେ ଅନେକ ପରସ୍ପର ବିରୋଧି ମଣ୍ଡଳୀକୁ ଦେଖିପାରୁ ।
କେଉଁ ମଣ୍ଡଳୀ ଠିକ୍? ଜଣକୁ, ପ୍ରତ୍ୟେକ ମଣ୍ଡଳୀ ବିଷୟରେ ସୂକ୍ଷ୍ମ ଭାବରେ ବୁଝି, ମଣ୍ଡଳୀ ବିଷୟକ ସତ୍ୟ ପାଇଁ ବାଇବଲକୁ ଫେରିଯିବାକୁ ହେବ । ଜଣେ ମଣ୍ଡଳୀ ବିଷୟକ ସତ୍ୟତା ଶିକ୍ଷା କରିଲେ, ପ୍ରକୃତ ମଣ୍ଡଳୀ ଖୋଜିବାରେ କଷ୍ଟକର ହେବନାହିଁ ।

ଆମେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାଇବଲ ଶିକ୍ଷା ନିକଟକୁ ଯିବାପାଇଁ ପ୍ରତ୍ୟେକଙ୍କୁ ଉତ୍ସାହ ଦେଉଁ । ମନୁଷ୍ୟର ଶିକ୍ଷା ଅନୁଯାୟୀ ପରିତ୍ରାଣ ପ୍ରାପ୍ତି ନିମନ୍ତେ ଅନେକ ରାସ୍ତା ରହିଅଛି । କିନ୍ତୁ ଜଣେ ବାଇବଲ ନିକଟକୁ ଗଲେ ଦେଖିପାରେ ଯେ, ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରଥମେ ସତ୍ୟ ଶ୍ରବଣ କରି, ବିଶ୍ୱାସ କରି, ମନ ପରିବର୍ତ୍ତନ କରି ଖ୍ରୀଷ୍ଟଙ୍କୁ ସ୍ୱୀକାର କରି ଏବଂ ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା ମିଳିଥାଏ (ମାର୍କ ୧୬:୧୫-୧୬, ପ୍ରେରିତ ୨:୩୮) । ମନୁଷ୍ୟମାନଙ୍କ ସ୍ୱଶିକ୍ଷା ମୂଲ୍ୟହୀନ । ଈଶ୍ୱର ଜଣେ ମାତ୍ର ଆମ୍ଭମାନଙ୍କ ପରିତ୍ରାଣ ଦେଇପାରନ୍ତି, ତେଣୁକରି ପରିତ୍ରାଣ ପ୍ରାପ୍ତି ନିମନ୍ତେ ତାଙ୍କ ଆଜ୍ଞାକାରୀ ହେବା ଆବଶ୍ୟକ ।

ଈଶ୍ୱରଙ୍କ ଆରାଧନା କିପରି କରାଯିବା ଉଚିତ୍ ଜାଣିବା ପାଇଁ ବାଇବଲ ନିକଟକୁ ଯିବା ପାଇଁ ଆମ୍ଭେମାନେ ଉତ୍ସାହ ଦେଉ । ମନୁଷ୍ୟମାନଙ୍କୁ ବିପରୀତ ମନୋଭାବ ପରି, ଆରାଧନାର ଅନେକ ଗୁଡ଼ିଏ ମାର୍ଗ ରହିନାହିଁ। ଏକମାତ୍ର ଆରାଧନା ପଦ୍ଧତି ଯାହା ଈଶ୍ୱର ଆପଣା ବାକ୍ୟ ଦ୍ୱାରା ପ୍ରକାଶିତ

କରି ଅଛନ୍ତି (ଯୋହନ ୪:୨୪) ।

କେବଳ ଏହି ବିଷୟ ନୁହେଁ, କିନ୍ତୁ ପରିତ୍ରାଣ ଜୀବନ, ଈଶ୍ୱରତ୍ୱ ଏହି ସମସ୍ତ ବିଷୟରେ ଏକ ହେବାପାଇଁ ବାଇବଲ ନିକଟକୁ ଯିବା । ବାଇବଲ ବୁଝିବା କଷ୍ଟକର ଏବଂ ସମସ୍ତେ ଏକ ଭାବରେ ବୁଝିପାରନ୍ତି ନାହିଁ ବୋଲି ଅନେକଙ୍କ ଧାରଣା ଭୂଲ । ଶୟତାନ ମନୁଷ୍ୟକୁ ବାଇବଲ ଠାରୁ ଦୂରରେ ରଖେ, ଯେପରି କି ସେ ବିନଷ୍ଟ ହୁଏ । କିନ୍ତୁ ପରିତ୍ରାଣ ପ୍ରାପ୍ତ ନିମନ୍ତେ ତାକୁ ବାଇବଲ ନିକଟକୁ ଆସି ତାକୁ ବିଶ୍ୱାସ କରି, ଏବଂ ଧର୍ମ ପଥରେ ଏକମାତ୍ର ପଥ ପ୍ରଦର୍ଶକ ରୂପେ ଗ୍ରହଣ କରିବାକୁ ହେବ ।

ଆଜି ଆମ୍ଭମାନଙ୍କ ବିଶ୍ୱାସ କ'ଣ ? ଯୀଶୁଖ୍ରୀଷ୍ଟ ଓ ତାଙ୍କ ବାକ୍ୟ । ଏହା ବ୍ୟତୀତ ଅନ୍ୟ ରାସ୍ତା ନାହିଁ । ଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଏବଂ ତାଙ୍କ ବାକ୍ୟ ଯେ ସତ୍ୟ ଏହା ଆମ୍ଭେମାନେ ବିଶ୍ୱାସ କରୁ । ଆମ୍ଭେମାନେ ଏହା ଗ୍ରହଣ କରି, ଏହା ଅନୁସରଣ କରୁ । ଆମ୍ଭେମାନେ ଏପରି କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହ ଦେଉ । ମନୁଷ୍ୟମାନଙ୍କ ବିଶ୍ୱାସ ଆପଣାଙ୍କୁ ନକରକୁ ନେବ । ଯୀଶୁ କହିଲେ, "ମୁଁ ପଥ ସତ୍ୟ ଓ ଜୀବନ, ମୋ ଦେଇ ନଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।"

ପ୍ରଶ୍ନ :-

୧) (Creed) ଶବ୍ଦର ଅର୍ଥ କ'ଣ ?

୨) ପ୍ରତ୍ୟେକ ମନୁଷ୍ୟ ନିର୍ମିତ ମଣ୍ଡଳୀ(denomination) କେଉଁଥିରେ ଗଠିତ ?

୩) ଯେଉଁମାନେ ଈଶ୍ୱରଙ୍କ ବାକ୍ୟରେ କିଛି ଅଧିକା ଯୋଗ କରନ୍ତି



ବା କିଛି ଲୋପ କରନ୍ତି, ସେମାନଙ୍କୁ କ'ଣ ଘଟିବ ?

୪) ଈଶ୍ୱରଙ୍କ ବାକ୍ୟ କି ଅସଂପୂର୍ଣ୍ଣ ?

୫) ସିଦ୍ଧତାମାନେ କ'ଣ ?

୬) ଆମ୍ଭମାନଙ୍କୁ କିପରି ପରଖ କରିବାକୁ ହେବ ?

୭) ବାଇବଲ ବ୍ୟତୀତ କୌଣସି ଅଧିକା ପୁସ୍ତକର କି ଆବଶ୍ୟକତା ରହିଅଛି ?

୮) ଆଜି ଦଳଭେଦ କାହିଁକି ଦେଖାଯାଏ ?

୯) ବାଇବଲ କି ଆମ୍ଭମାନଙ୍କୁ ବିଭକ୍ତ କରେ ?

୧୦) ଈଶ୍ୱରଙ୍କ ମଣ୍ଡଳୀର ବିଶ୍ୱାସ କ'ଣ ?

୧୧) ଆମ୍ଭମାନଙ୍କର ସ୍ୱଶିକ୍ଷା ଓ ସ୍ୱମତର କି କିଛି ମୂଲ୍ୟ ଅଛି ?

୧୨) ଈଶ୍ୱରଙ୍କ ବାକ୍ୟ ନିଜ ଇଚ୍ଛାନୁଯାୟୀ ଅନୁବାଦ (Private interpretion) କରିବାକୁ ଆମ୍ଭମାନଙ୍କୁ ଅଧିକାର ଦିଆଯାଇଅଛି କି ?

୧୩) କୌଣସି ମନୁଷ୍ୟ ବାଇବଲର ପରି ପୁସ୍ତକ ଲେଖିପାରେ ନାହିଁ ?

୧୪) ବାଇବଲ ପରି ପୁସ୍ତକ ଲେଖିବା ପାଇଁ ଈଶ୍ୱର କି କାହାକୁ ଅଧିକାର ଦେଇଅଛନ୍ତି ?

୧୫) ଈଶ୍ୱର ବାକ୍ୟ କେଉଁଠାରୁ ଆସିଅଛି ?

୧୬) ଶେଷ ଦିନରେ ଆମ୍ଭମାନଙ୍କୁ କେଉଁ ବାକ୍ୟ ବିଚାର କରିବ ?

୧୭) ସତ୍ୟ କ'ଣ ?

୧୮) ସାହାଯ୍ୟ ପାଇଁ ମନୁଷ୍ୟମାନେ କାହା ନିକଟକୁ ଗଲେ ?

୧୯) ମଣ୍ଡଳୀ ବିଷୟକ ସତ୍ୟ ନିମନ୍ତେ କେଉଁ ପୁସ୍ତକ ନିକଟ ଯିବା ଉଚିତ ?
୨୦) ପରିତ୍ରାଣ ପ୍ରାପ୍ତି ନିମନ୍ତେ ରାସ୍ତା ରହିଅଛି କି ?
୨୧) ପରିତ୍ରାଣ ପାଇବା ପାଇଁ ଜଣକୁ କ'ଣ କରିବା ପାଇଁ ବାଇବଲ ଶିକ୍ଷା ଦିଏ ?
୨୨) ଈଶ୍ୱରଙ୍କୁ କିପରି ଆରାଧନା କରିବାକୁ ହେବ ଈଶ୍ୱର ବାକ୍ୟ ଦ୍ୱାରା ପ୍ରକାଶିତ କରିଅଛନ୍ତି ?
୨୩) ବାଇବଲ କି ବୁଝିବା କଷ୍ଟକର ?
୨୪) ଆମ୍ଭେମାନେ ସମସ୍ତେ ଏକ ପ୍ରକାର ବାଇବଲ ବୁଝି ପାରିବା କି ?
୨୫) କିଏ ସ୍ୱର୍ଗକୁ ଯିବାପାଇଁ ଏକ ଓ କେବଳ ଏକମାତ୍ର ପଥ ଅଟନ୍ତି ?

❖❖❖



### ଦ୍ୱାଦଶ ଅଧ୍ୟାୟ

# ମଣ୍ଡଳୀର ଇତିହାସ

## (History of the Church)

ପ୍ରେରିତ ୨ୟ ଅଧ୍ୟାୟରେ ଈଶ୍ୱରଙ୍କ ମଣ୍ଡଳୀର ସ୍ଥାପନ ନିମନ୍ତେ ବା ଈଶ୍ୱରଙ୍କ ରାଜ୍ୟର ଆରମ୍ଭ ନିମନ୍ତେ ସମସ୍ତେ ବିଷୟ ପ୍ରସ୍ତୁତ ହୋଇ ରହିଥିବା ଦେଖିଥାଉଁ । ପ୍ରେରିତମାନେ ଯୀରୁଶାଲମରେ ଉପସ୍ଥିତ ଥିଲେ । ପବିତ୍ର ଆତ୍ମା ସେମାନଙ୍କ ଉପରେ ଢ଼ଳା ଯାଇଥିଲା, ପେଣ୍ଟିକଷ୍ଟ ପର୍ବ ନିମନ୍ତେ ଅନେକ ଜାତି ଏକତ୍ରିତ ହୋଇଥିଲେ ବ ପିତର ଓ ଅନ୍ୟ ପ୍ରେରିତମାନେ ଏହା ଯୋୟେଲ ଭାବବାଦୀଙ୍କ ଦ୍ୱାରା ପ୍ରକାଶିତ ଭବିଷ୍ୟତ ବାଣୀର ସଫଳତା ବୋଲି ଘୋଷଣା କଲେ । ଖ୍ରୀଷ୍ଟ ମୃତ୍ୟୁଭୋଗ କରିଅଛନ୍ତି ଓ ଶେଷକାଳ ଆରମ୍ଭ ହୋଇଅଛି । ମନ ପରିବର୍ତ୍ତନ ଓ ପାପକ୍ଷମା ପ୍ରଚଳିତ ହୋଇଥିଲା ଓ ପ୍ରାୟ ତିନି ହଜାର ଲୋକ ମନ ପରିବର୍ତ୍ତନ କରି ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲେ । ପରିତ୍ରାଣ ପ୍ରାପ୍ତ ଲେକଙ୍କୁ ଈଶ୍ୱର ପ୍ରତିଦିନ ମଣ୍ଡଳୀରେ ସଂଯୁକ୍ତ କଲେ । ପରେ ଯିରୁଶାଲମରୁ ଯିହୁଦା ପ୍ରବେଶ, ସମିରୋଣ ଓ ଶେଷରେ ସର୍ବ ସୃଷ୍ଟିରେ ସୁସମାଚାର ପ୍ରଚାର କରାଗଲା । (ପ୍ରେରିତ ୧:୮, ମାଥିଉ ୨୮:୧୯-୨୦, ମାର୍କ ୧୬:୧୫-୧୬, କଲସୀୟ ୧:୨୩) ।

ପ୍ରେରିତମାନଙ୍କ ସମୟରେ ମଣ୍ଡଳୀ ଅତିଶୟ ବୃଦ୍ଧି ପାଇଥିଲା । ପ୍ରେରିତ ପାଉଲ ମନ ପରିବର୍ତ୍ତନ କଲାପରେ ଯିହୁଦୀ ତଥା ବିଜାତିମାନଙ୍କ ନିକଟରେ ସୁସମାଚାର ପ୍ରଚାର ନିମନ୍ତେ ତିନୋଟି ଯାତ୍ରା (Missionary

Journeys) କରିଥିଲେ । ତଦ୍ୱାରା ଏସିଆ ଓ ୟୁରୋପରେ ଅନେକ ଈଶ୍ୱରଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିଥିଲା । କିନ୍ତୁ ଏହା ଏତେ ସହଜ ନଥିଲା । ଅନେକ ତାଡ଼ନା ଆରମ୍ଭ ହୋଇଥିଲା । ଏଥିହେତୁ, ତାଡ଼ନା ଯୋଗୁଁ ଚାରିଆଡ଼େ ଛିନ୍ନଭିନ୍ନ ହୋଇଥିବା ଶିଷ୍ୟମାନେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କଲେ (ରୋମୀୟ ୩:୧-୪) । ସମୟାନୁକ୍ରମେ, ରୋମୀୟମାନେ ନିଜ ନିଜ ସମସ୍ୟା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ନିନ୍ଦା କରି, ରୋମୀୟ ସାମ୍ରାଜ୍ୟରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ଅତ୍ୟାଚାର କରିବାକୁ ଲାଗିଲେ । ପାଉଲ ଶେଷରେ ଧରାପଡ଼ି, ବିଚାର ପାଇଁ ରୋମକୁ ପଠାଇଲେ । ଯୋହନଙ୍କ ଛଡ଼ା ଅନ୍ୟ ସମସ୍ତ ପ୍ରେରିତମାନେ ଖ୍ରୀଷ୍ଟଙ୍କ ନିମନ୍ତେ ହତ ସାକ୍ଷୀ ହୋଇଥିଲେ ବୋଲି ଇତିହାସ ସାକ୍ଷ୍ୟ ଦିଏ । ପ୍ରେରିତମାନଙ୍କ ଛଡ଼ା ଲକ୍ଷାଧିକ ଖ୍ରୀଷ୍ଟିୟାନମାନେ ମଧ୍ୟ ଖ୍ରୀଷ୍ଟଙ୍କ ନିମନ୍ତେ ହତସାକ୍ଷୀ ହୋଇଥିଲେ ।

ଏତେ ତାଡ଼ନା ଓ କ୍ଳେଶରେ ମଧ୍ୟ ମଣ୍ଡଳୀର ଅଭିବୃଦ୍ଧି ପାଇବାକୁ ଲାଗିଲା । ମଣ୍ଡଳୀର ଧର୍ମଚ୍ୟୁତି ବିଷୟରେ ପାଉଲ ପୂର୍ବରୁ ହିଁ ସତର୍କ କରିଥିଲେ । ଅନ୍ୟପକ୍ଷରେ, ଦିନ ଆସିବ ଯେବେ ଈଶ୍ୱରଙ୍କ ମଣ୍ଡଳୀରେ ସଭ୍ୟଭ୍ରନ୍ତ ହେବେ ବୋଲି କହିଥିଲେ, "ହେ ଭାଇମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନ ଓ ତାହାଙ୍କ ନିକଟରେ ଆମ୍ଭମାନଙ୍କ ଏକତ୍ର ହେବା ସମ୍ବନ୍ଧରେ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛୁଁ । ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି ତୁମ୍ଭେମାନେ କୌଣସି ଆତ୍ମା କି ବାକ୍ୟ ଆମ୍ଭମାନଙ୍କ ଦ୍ୱାରା ଲିଖିତ ବୋଲି ମନେ କରି କୌଣସି ପତ୍ରଦ୍ୱାରା ଶୀଘ୍ର ବିଚଳିତ ଓ ଉଦବିଗ୍ନ ନହୁଏ, କେହି କୌଣସି ପ୍ରକାରେ ତୁମ୍ଭମାନଙ୍କର ଭ୍ରାନ୍ତି ନ ଜନ୍ମାନ୍ତି, କାରଣ ପ୍ରଥମେ ଧର୍ମଚ୍ୟୁତି ଘଟିବ । ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ



ହେବା ଆବଶ୍ୟକ, ନହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବନାହିଁ । ସେ ଈଶ୍ୱରଙ୍କ ନାମରେ ଖ୍ୟାତ ବା ପୂଜିତ ସମସ୍ତଙ୍କ ବିରୋଧି ହୋଇ ନିଜକୁ ସେମାନଙ୍କ ଠାରୁ ଉନ୍ନତ କରେ, ଏପରିକି ଈଶ୍ୱରଙ୍କ ମନ୍ଦିରରେ ବସି ଆପଣାକୁ ଈଶ୍ୱର ବୋଲି ଦେଖାଏ । ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ଏହି ସବୁ ବିଷୟ ଯେ ତୁମ୍ଭମାନଙ୍କୁ ଥରକୁ ଥର କହୁଥିଲି, ତାହା କ'ଣ ତୁମ୍ଭମାନଙ୍କର ସ୍ମରଣ ନାହିଁ ? ଆଉ ସେ ନିରୂପିତ ସମୟରେ ପ୍ରକାଶିତ ହେବା ନିମନ୍ତେ କ'ଣ ବାଧା ଦେଉଅଛ, ତାହା ତ ତୁମ୍ଭମାନେ ଜାଣ । କାରଣ ଅଧର୍ମର ନିଗୁଢ଼ ତତ୍ତ୍ୱ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରିଅଛି । ବାଧା ଦେଉଥିବା ବ୍ୟକ୍ତି ଦୂରୀକୃତ ନ ହେବା ପର୍ଯ୍ୟନ୍ତ ତାହା କାର୍ଯ୍ୟ କରୁଅଛି । ସେତେବେଳେ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବ । ତାହାଙ୍କୁ ପ୍ରଭୁ ଯୀଶୁ ଆପଣା ମୁଖର ନିଶ୍ୱାସ ଦ୍ୱାରା ସଂହାର କରିବେ ଓ ଆପଣା ଆଗମନର ପ୍ରକାଶ ଦ୍ୱାରା ବିନାଶ କରିବେ । ଶୟତାନର ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା ଶକ୍ତି, ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିନାଶ ପାତ୍ରମାନଙ୍କ ନିକଟରେ ସମସ୍ତ ଅଧର୍ମର ଛଳନା ସହକାରେ ସେହି ଅଧର୍ମ ପୁରୁଷର ଆଗମନ ହେବ, କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନ ନାହାନ୍ତି । ଆଉ ଏଥି ସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥି ନିମନ୍ତେ ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି ଯେପରି କି ଯେଉଁମାନେ ସତ୍ୟରେ ବିଶ୍ୱାସ ନକରି ଅଧର୍ମରେ ସନ୍ତୁଷ୍ଟ ହୋଇଅଛନ୍ତି, ସେମାନେ ସମସ୍ତେ ଦଣ୍ଡର ପାତ୍ର ହୁଅନ୍ତି " (୨ୟ ଥେସଲନୀୟ ୨:୧-୧୨) ।

ଏହି ଦୃଷ୍ଟ ଆତ୍ମା ସେହି କାଳରୁ ହିଁ କାର୍ଯ୍ୟ କରିଅଛି ବୋଲି

ପାଉଲ ସ୍ପଷ୍ଟଭାବେ ବୁଝାଇ ଦେଇଅଛନ୍ତି । ଯେପରି ସେ କହନ୍ତି, "ଆତ୍ମା ସ୍ପଷ୍ଟଭାବେ କହୁଅଛନ୍ତି, ଉତ୍ତର କାଳରେ ସେହି କେହି ଭ୍ରଷ୍ଟ ବିବେକ ମିଥ୍ୟାବାଦୀ ଲୋକମାନଙ୍କ କପଟ ପଣରେ ଭ୍ରାନ୍ତିଜନକ ଆତ୍ମାମାନଙ୍କ ପ୍ରତି ଓ ଭୂତମାନଙ୍କ ଶିକ୍ଷା ପ୍ରତି ମନଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ, ସେହି ମିଥ୍ୟାବାଦୀମାନେ ବିବାହ ନିଷେଧ କରନ୍ତି, ପୁଣି ବିବିଧ ଖାଦ୍ୟ ପଦାର୍ଥରୁ ପୃଥକ୍ ରହିବା ନିମନ୍ତେ ଶିକ୍ଷା ଦିଅନ୍ତି । ବିଶ୍ୱାସୀ ଓ ସତ୍ୟ ଜାଣିଥିବା ଲୋକମାନଙ୍କ ଦ୍ୱାରା ଧନ୍ୟବାଦ ସହ ଭୋଜନ କରାଯିବା ନିମନ୍ତେ ଈଶ୍ୱର ଏସବୁ ତ ସୃଷ୍ଟି କରିଅଛନ୍ତି (୧ମ ତୀମଥି ୪:୧-୪) ।" ଏଫିସିୟ ମଣ୍ଡଳୀର ଅଧ୍ୟକ୍ଷମାନଙ୍କ ପ୍ରେରିତ ପାଉଲ ଏପରି ଲେଖନ୍ତି, "ତୁମ୍ଭେମାନେ ନିଜ ନିଜ ବିଷୟରେ ଆଉ ଯେଉଁ ମଣ୍ଡଳୀ କି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀ କି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପେ ନିଯୁକ୍ତି କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୋଇଥାଏ। ମୋହର ପ୍ରସ୍ଥାନ ପରେ ଦୂରନ୍ତ ବାଘ ଗୁଡ଼କ ଯେ, ତୁମ୍ଭମାନଙ୍କ ମଧ୍ୟରେ ପ୍ରବେଶ କରି ପଲ ପ୍ରତି ନିର୍ଦ୍ଦୟ ବ୍ୟବହାର କରିବେ, ପୁଣି ତୁମ୍ଭମାନଙ୍କ ମଧ୍ୟରୁ ସୁଦ୍ଧା ଲୋକେ ଶିଷ୍ୟମାନଙ୍କୁ ଆପଣାମାନଙ୍କ ପଛରେ ଟାଣି ନେବା ନିମନ୍ତେ ବୁପରୀତ କଥା ଗୁଡ଼ାକ କହିବେ, ଏହା ମୁଁ ଜାଣେ । ଅତଏବ ତୁମ୍ଭେମାନେ ଜଗିରୁହ, ଆଉ ମୁଁ ତିନି ବର୍ଷ ପର୍ଯ୍ୟନ୍ତ ଦିବାରାତ୍ରି ଅଶ୍ରୁପାତ ସହିତ ପ୍ରତ୍ୟେକ ଜଣକୁ ଚେତନା ଦେବାକୁ ଯେ କ୍ଷାନ୍ତ ହୋଇ ନଥିଲି, ଏହା ସ୍ମରଣ କର (ପ୍ରେରିତ ୨୦:୨୮-୩୧) ।"

ପାଉଲ ସତର୍କ ଦେଲା ଭଳି, ମଣ୍ଡଳୀରୁ ହିଁ କେତେକ ଖ୍ରୀଷ୍ଟଙ୍କ



ଅନୁସରଣକାରୀମାନଙ୍କୁ କୁପଥରେ ଚାଲିବା ପାଇଁ ଉତ୍ସାହିତ କଲେ । ଏହି ଧର୍ମଚ୍ୟୁତି ପ୍ରଥମେ ମଣ୍ଡଳୀର ପାଳନ ପଦ୍ଧତିର ତଫାତ୍‌ରୁ ଆରମ୍ଭ ହୋଇଥିଲା । ଈଶ୍ୱରଙ୍କ ଯୋଜନାନୁଯାୟୀ, ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀର ଆପଣା ଆପଣା ପ୍ରାଚୀନ Elders ଏବଂ ସେବକ deamcons ରହିବା ଆବଶ୍ୟକ । ସମୟାନୁକ୍ରମେ ଅନେକ ସ୍ଥାନୀୟ ମଣ୍ଡଳୀରେ ଏକ ବିଷପଙ୍କୁ ଅନ୍ୟ ବିଷପମାନଙ୍କଠାରୁ ଉନ୍ନତ ଭାବେ ପ୍ରତିଷ୍ଠିତ କଲେ। ଶେଷରେ ଏହିପରି ଉନ୍ନତ ଭାବେ ପ୍ରତିଷ୍ଠିତ ହୋଇଥିବା ବିଷପମାନଙ୍କ ମଧ୍ୟରୁ ମଣ୍ଡଳୀର ସାର୍ବଜନୀନ ବିଷପ (Universal Bishop) ରୂପେ ନିଯୁକ୍ତ କଲେ । ଏହା ଅବଶ୍ୟ ଏକ ଦିନରେ ଘଟିନଥିଲା, ଖ୍ରୀ:ଜ: ୬୦୬ ମସିହାରେ ଏହି ପ୍ରଥମ ସାର୍ବଜନୀନ ବିଷପ (Universal Bishop) ବା Pope ଧର୍ମଚ୍ୟୁତି ମଣ୍ଡଳୀର ମସ୍ତକ ରୂପେ ନିଯୁକ୍ତ ହୋଇଥିଲା । ଫଳରେ ଆମର ପରିଚିତ କାଥଲିକ୍ ମଣ୍ଡଳୀର ଆବିର୍ଭାବ ହୋଇଥିଲା । ଈଶ୍ୱର ମଣ୍ଡଳୀ ଦଶା କ'ଣ ହେଲା ? ଈଶ୍ୱରଙ୍କ ମଣ୍ଡଳୀ ବା ଈଶ୍ୱରଙ୍କ ରାଜ୍ୟ ଚିରସ୍ଥାୟୀ ହେବ ବୋଲି ପ୍ରତିଜ୍ଞାତ ଓ ଏହା ଚିରସ୍ଥାୟୀ ହୋଇ ରହିଅଛି ।

ଖ୍ରୀଷ୍ଟିୟ ସମାଜରେ କାଥଲିକ୍ ମଣ୍ଡଳୀ ପ୍ରଧାନ୍ୟତା ଲାଭ କରିଥିଲା । ପ୍ରକୃତରେ ଏହାର ପ୍ରଭାବ ପୃଥିବୀ ଯାକ ବ୍ୟାପିଥିଲା । ଏହାର ପ୍ରଭାବରେ ବିତିଥିବା ଅନେକ ଶତାବ୍ଦୀ ଇତିହାସରେ ଅନ୍ଧକାର ଯୁଗ Dark ages ବୋଲି ପରିଚିତ ବ କାଥଲିକ୍ ମଣ୍ଡଳୀର ଯାଜକମାନେ ହିଁ ବାଇବଲ ପଢ଼ି ଅନ୍ୟମାନଙ୍କୁ ସେଥିର ଶିକ୍ଷା ଦେବାକୁ ଯୋଗ୍ୟ ବୋଲି କହି, ସାଧାରଣ ବ୍ୟକ୍ତିମାନଙ୍କ ବାଇବଲ ପଢ଼ିବାରେ ତିରସ୍କାର କରୁଥିଲେ । ସ୍ୱାଭାବିକ ଭାବେ ପ୍ରଜାମାନେ ଯେଉଁ ବିଷୟ ଜାଣନ୍ତୁ ବୋଲି ଯାଜକମାନେ ଇଚ୍ଛା

କରୁଥିଲେ, କେବଳ ସେହି ବିଷୟ ଶିକ୍ଷା ଦେଉଥିଲେ । ଫଳରେ ଯାଜକମାନେ ଶିକ୍ଷା ଦେଉଥିବା ବିଷୟ ବ୍ୟତୀତ, ସାଧାରଣ ପ୍ରଜାମାନେ ବାଇବଲରେ ଅନ୍ୟ କୌଣସି ଶିକ୍ଷା ପାଇପାରିଲେ ନାହିଁ ।

ଏହି କାଳରେ କାଥଲିକ୍ ମଣ୍ଡଳୀ ଛିଞ୍ଚା ବାପ୍ତିସ୍ମ ଓ ଯାନ୍ତ୍ରିକ ସଙ୍ଗୀତ ବିଷୟରେ ମନଭେଦ ହୋଇ ରୋମୀୟ ଗ୍ରୀକ୍ ମଣ୍ଡଳୀ ହୋଇ ଭାଗରେ ବିଭକ୍ତ ହେଲା । କାଳକ୍ରମେ ରୋମନ ଓ କାଥଲିକ୍ ମଣ୍ଡଳୀରେ ଅନେକ ଧର୍ମବିଧି ଓ ସିଦ୍ଧାନ୍ତର ଯୋଗ କରାଗଲା । ଶେଷରେ, ପଞ୍ଚାଦଶ ଶତାବ୍ଦୀରେ ମାର୍ଟିନ୍ ଲୁଥର ନାମକ ଏକ ଯାଜକ ମଣ୍ଡଳୀରେ ସଂସ୍କାର ଆଣିବା ପାଇଁ ଦୃଢ଼ ନିଶ୍ଚିତ କଲେ । ଫଳରେ, ତାଙ୍କୁ ମଣ୍ଡଳୀଠାରୁ ବହିଷ୍କାର କରାଗଲା ସେ ବାହାରକୁ ଆସି ଯାହା ପ୍ରକୃତରେ ଶିକ୍ଷା ଦେବା ଉଚିତ ତାହା ବିଷୟରେ ଶିକ୍ଷା ଦେବାକୁ ଲାଗିଲେ । ତଦ୍ୱାରା ସଂସ୍କାର ଆନ୍ଦୋଳନ (Reformation movement) ବା (Protestant) ଯୁଗର ଆରମ୍ଭ ହେଲା । ସେହି ଯୁଗରୁ ଆଜିଯାଏ ଏହି ଖ୍ରୀଷ୍ଟିୟ ମତଶାଖାର (Denomonationalism) ଯୁଗ ଚାଲି ଆସିଅଛି । ଲୁଥର ଅନୁସରଣ କରିଥିବା ବିଧାନରୁ ଅନେକ ବାଇବଲର ଶିକ୍ଷାକୁ ଫେରି ଆସିବାର ସମ୍ଭାବନା ବିଧାନରୁ ଅନେକେ ବାଇବଲର ଶିକ୍ଷାକୁ ଫେରି ଆସିବାର ସମ୍ଭାବନା ନଥିଲା ।

ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଏହି ବିଭାଗ ଓ ମତଭେଦ ବିଷୟରେ କେତେକ ୟୁରୋପ ଓ ଆମେରିକାରେ ଥିବା ଲୋକେ ବିରକ୍ତ ଭାବ ପ୍ରକାଶ କଲେ । ଧିରେ ଧିରେ ସେମାନେ ଭ୍ରମ ଶିକ୍ଷାର ଅନୁସରଣ କରିବା ତ୍ୟାଗ କରି ବାଇବଲର ଅନୁସରଣ କରିବାକୁ ଲାଗିଲେ । ଗୋଟିଏ ନୂତନ, ମଣ୍ଡଳୀର ସ୍ଥାପନ କରିବା ସେମାନଙ୍କର



ଲକ୍ଷ୍ୟ ନହୋଇ ବରଂ ବାଇବଲରେ ବର୍ଣ୍ଣିତ ମଣ୍ଡଳୀକୁ ଫେରିଯିବା ସେମାନଙ୍କର ଲକ୍ଷ୍ୟ ଥିଲା । ଆଉ ସେମାନେ ସେହିପରି ମଧ୍ୟ କରିଥିଲେ ଓ ସେହି ସମୟଠାରୁ ଆଜିଯାଏଁ ନୂତନ ନିୟମ ଖ୍ରୀଷ୍ଟିୟାନ ହେବା ନିମନ୍ତେ ବିଜ୍ଞାପନ କରି ଆସୁଛନ୍ତି । ଫଳରେ ଅନେକେ ମନୁଷ୍ୟମାନଙ୍କ ଶିକ୍ଷା ତ୍ୟାଗ କରି, ବାଇବଲରୁ ହିଁ ଅନୁସରଣ କରି ପ୍ରକୃତ ଖ୍ରୀଷ୍ଟିୟାନ ଓ ଈଶ୍ୱର ମଣ୍ଡଳୀର ସଭ୍ୟ ହୋଇପାରି ଅଛନ୍ତି । ସତ୍ୟ ପ୍ରଚାର କରିବାକୁ ଅନେକ ପ୍ରାନ୍ତକୁ ଯିବା ଖ୍ରୀଷ୍ଟିୟାନମାନେ, ଆଫ୍ରିକା, ଭାରତ, ରୁଷିଆ, ପୋଲାଣ୍ଡରେ ପବିତ୍ର ଈଶ୍ୱରଙ୍କ ମଣ୍ଡଳୀର ସନ୍ଧାନ ପାଇଅଛନ୍ତି । ତେଣୁକରି ଖ୍ରୀଷ୍ଟ ସ୍ଥାପନ ସ୍ଥାପନ କରିଥିବା ମଣ୍ଡଳୀ ଏବେଯାଏଁ ରହିଅଛି । ଏହାହିଁ ବାଇବଲର ମଣ୍ଡଳୀ ବୋଲି ନିରୂପଣ କରିବା ପାଇଁ, ଇତିହାସ ସବୁ ଖୋଜିବା ଦରକାର ନାହିଁ । ମଣ୍ଡଳୀର ନିୟମ ଗୁଡ଼ିକ ବାଇବଲରେ ଦେଖିବାକୁ ପାଉଁ, ତେଣୁ ଯେବେ ଆମ୍ଭେମାନେ ତାହା ଅନୁସରଣ କରୁ ତେବେ ଆମ୍ଭେମାନେ ଈଶ୍ୱରଙ୍କ ମଣ୍ଡଳୀର ସଭ୍ୟ ହୋଇପାରିଅଛୁ । ଈଶ୍ୱରଙ୍କ ବାକ୍ୟ ହିଁ ବୀଜ ସ୍ୱରୂପ (ଲୂକ ୮:୧୧) ଏବଂ ଏହା ପ୍ରେରିତମାନଙ୍କ ସମୟ ଯାହା ଉତ୍ପାଦନ କରିଥିଲା, ଏବେ ମଧ୍ୟ ତାହାହିଁ ଉତ୍ପାଦନ କରେ । ଆମ୍ଭେମାନେ ଜାଣୁ ଯେ ଈଶ୍ୱରଙ୍କ ରକାଜ୍ୟ ଚିରସ୍ଥାୟୀ ତେଣୁ କରି ଏହା ସ୍ଥାପିତ ହେବା ଦିନଠାରୁ ଆଜିଯାଏଁ ରହି ଆସିଅଛି ଏବଂ ରହିଥିବ । ଏହାକୁ ଧ୍ୱଂସ କରିବାକୁ କାହାର ଶାନ୍ତି ନାହିଁ ବ ଏହା ଈଶ୍ୱରଙ୍କ ରାଜ୍ୟ, ତାହାଙ୍କ ମଣ୍ଡଳୀ, ସବୁ ସମୟ ବିଜୟୀ ଏବଂ ଶେଷରେ ଈଶ୍ୱରଙ୍କ ସହିତ ଅନନ୍ତ ଜୀବନର ସହଭାଗୀ ହେବ ।

**ପ୍ରଶ୍ନ :-**

**ଉତ୍ତର ଦିଅନ୍ତୁ ।**

୧) ମଣ୍ଡଳୀର ସ୍ଥାପନର ବିବରଣୀ ବାଇବଲରେ ଦେଖିବାକୁ ପାଉଁ ?

୨) ଏହା କେଉଁ ନଗରରେ ସ୍ଥାପିତ ହୋଇଥିଲା ?

୩) ସେହି ସମୟରେ କେତେ ଜଣ ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ ?

୪) ସୁସମାଚାର ଆଉ କେଉଁଠାରେ ପ୍ରଚାରିତ ହୋଇଥିଲା ?

୫) ପ୍ରେରିତ ପାଉଲ କେତୋଟି ସୁସମାଚାର ଯାତ୍ରା (Missionary Jouney) କରିଥିଲେ ?

୬) ପାଉଲ କି କେବଳ ଯିହୂଦୀମାନଙ୍କୁ ସୁସମାଚାର କରିଥିଲା ?

୭) ପାଉଲଙ୍କ କାର୍ଯ୍ୟ ଫଳରେ କେଉଁ ଦୁଇଟି ମହାଦେଶରେ ମଣ୍ଡଳୀ ସ୍ଥାପିତ ହୋଇଥିଲା ।

୮) ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ହେବା ସମୟରେ ଶିଷ୍ୟମାନେ କ'ଣ କରୁଥିଲେ ?

୯) ଈଶ୍ୱରଙ୍କ ମଣ୍ଡଳୀରେ କାହା ଦ୍ୱାରା ତାଡ଼ନା ଘଟିଥିଲା ?

୧୦) ପ୍ରେରିତମାନଙ୍କ ମଧ୍ୟରୁ କେତେଜଣଙ୍କ ସେମାନଙ୍କ ବିଶ୍ୱାସ ନିମନ୍ତେ ହତସାକ୍ଷୀ ହେବାକୁ ପଡ଼ିଥିଲା ।

୧୧) ତାଡ଼ନା ଆସିବା ସତ୍ତ୍ୱେ ମଧ୍ୟ ମଣ୍ଡଳୀ ଅଭିବୃଦ୍ଧି ପାଇଥିଲା କି ?

୧୨) ଶେଷ କାଳରେ କ'ଣ ଘଟିବା ବୋଲି ପ୍ରେରିତ ପାଉଲ ସତର୍କ କରିଥିଲେ ?

୧୩) ପ୍ରଥମେ ମଣ୍ଡଳୀର ସଭ୍ୟମାନେ କେଉଁ ବିଷୟରେ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିଥିଲେ ?



୧୪) ୬୦୬ ଏ.ଡ଼ି.ରେ କ'ଣ ଘଟିଥିଲା ?

୧୫) ଈଶ୍ୱରଙ୍କ ମଣ୍ଡଳୀର ଅବସ୍ଥା କ'ଣ ଘଟିଥିଲା ?

୧୬) ତତ୍ପର ଅନେକ ଶତାବ୍ଦୀର କାହିଁକି 'ଅନ୍ଧକାର ଯୁଗ' ବୋଲି କୁହାଗଲା ?

୧୭) କାଥ୍ଲିକ ମଣ୍ଡଳୀ କେଉଁ ଦୁଇଟି ବିଭାଗରେ ବିଭକ୍ତ ହେଲା ?

୧୮) ରୋମାନ୍ କାଥିଲିକ୍ ମଣ୍ଡଳୀରେ ସଂସ୍କାର ପାଇଁ କିଏ ଆନ୍ଦୋଳନ ଆରମ୍ଭ କରିଥିଲା ?

୧୯) ସେ କାହିଁକି ସଂସ୍କାର ଆଣିବାକୁ ଇଚ୍ଛା କଲେ ?

୨୦) ଏହା ଫଳରେ କେଉଁ ଆନ୍ଦୋଳନର ଆରମ୍ଭ ହୋଇଥିଲା ?

୨୧) ସେମାନେ କି ସେଥିରୁ ପୁରାପୁରି ଭାବେ ବାଇବଲର ଶିକ୍ଷାକୁ ଫେରିବାରେ ସଫଳତା ପାଇଥିଲା ?

୨୨) ସପ୍ତାଦଶ ଓ ଅଷ୍ଟାଦସ ଶତାବ୍ଦୀରେ କ'ଣ ଘଟିଥିଲା ?

୨୩) ବାଇବଲରେ ଲିଖିତ ଈଶ୍ୱରଙ୍କ ମଣ୍ଡଳୀରେ ଚୁକ୍ତ ହେବା ନିମନ୍ତେ ସେମାନେ କି ଗୋଟିଏ ନୂତନ ମଣ୍ଡଳୀ ସ୍ଥାପନ କରିଥିଲେ ?

୨୪) ପୃଥିବୀର ଅନ୍ୟ ଭାଗରେ ମଧ୍ୟ ଏହିପରି ମଣ୍ଡଳୀର ଗଠନ ହୋଇଥିଲା କି

୨୫) ପ୍ରକୃତ ଖ୍ରୀଷ୍ଟଙ୍କ ମଣ୍ଡଳୀ ଦେଖିବାକୁ ମିଳେ କି ?

❖❖❖

### ତ୍ରୟୋଦଶ ଅଧ୍ୟାୟ

# ଆଜିର ମଣ୍ଡଳୀ

### (The Church Today)

ଈଶ୍ୱରଙ୍କ ମଣ୍ଡଳୀ ପ୍ରାୟ ଦୁଇ ହଜାର ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲା । (ପ୍ରେରିତ ୨ୟ ଅଧ୍ୟାୟ) ଏବଂ ଏହା ଆଜିଯାଏଁ ବିଦ୍ୟମାନ, "କିନ୍ତୁ ଏହା କିପରି ସମ୍ଭବ?" ବୋଲି ଆପଣ ପ୍ରଶ୍ନ କରିପାରନ୍ତି । କେବଳ ନୂତନ ନିୟମରେ ବର୍ଣ୍ଣିତ ମଣ୍ଡଳୀର ପଦ୍ଧତିର ଅନୁସରଣ କରିବା ଦ୍ୱାରା ।

ଅନେକ ଭାବନ୍ତି ଆଜିର ମଣ୍ଡଳୀ ପ୍ରକୃତ ଈଶ୍ୱରଙ୍କ ମଣ୍ଡଳୀ ବୋଲି ପ୍ରମାଣିତ କରିବା ପାଇଁ ଆମ୍ଭମାନଙ୍କୁ ପେଣ୍ଟିକଷ୍ଟ ଦିନରୁ ଏହାର ଚିହ୍ନିତ କରିବାକୁ ହେବ, କିନ୍ତୁ ଏହା ଆବଶ୍ୟକ ନୁହେଁ । କାରଣ ଖ୍ରୀଷ୍ଟ କହିଲେ ତାହାଙ୍କ ରାଜ୍ୟ ବା ମଣ୍ଡଳୀ କେବେ ବିନଷ୍ଟ ନହୋଇ ଚିରସ୍ଥାୟୀ ହୋଇ ରହିବ । (ଦାନିୟେଲ ୨:୪୪, ଲୂକ ୧:୩୩ ଏବ୍ରୀ ୧୨:୨୧) । ଅର୍ଥାତ୍ ଈଶ୍ୱରଙ୍କ ମଣ୍ଡଳୀ କୌଣସି ନା କୌଣସି ସ୍ଥାନରେ ରହି ଆସିଅଛି । ଏହା ସତ୍ୟ ହେବା ନିମନ୍ତେ ଏହା ସବୁ ସମୟରେ ଓ ସବୁ ସ୍ଥାନରେ ନିରନ୍ତର ରହିବା ଆବଶ୍ୟକ ନୁହେଁ । ଦ୍ୱିତୀୟରେ ଆମ୍ଭମାନଙ୍କ ନିକଟରେ ପ୍ରକୃତ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ବୀଜ ନୂତନ ନିୟମରେ ସୁରକ୍ଷିତ ହୋଇ ରହିଅଛି । ଏହା ପ୍ରେରିତମାନଙ୍କ ସମୟରେ ଖ୍ରୀଷ୍ଟିୟାନ ରୂପକ ଫଳ ଉତ୍ପାଦନ କରି ପାରିଥିଲା । ତାହା ଏବେ ମଧ୍ୟ ସେହିପରି ଫଳ ଉତ୍ପାଦନ ଫଳ ସକ୍ଷମ ଅଟେ । ପ୍ରେରିତମାନଙ୍କର



ସମୟରେ ଯେପରି ଖ୍ରୀଷ୍ଟିୟାନମାନଙ୍କ ଦ୍ୱାରା ମଣ୍ଡଳୀ ଗଠିତ ହୋଇଥିଲା, ତାହା ଆଜି ମଧ୍ୟ ସତ୍ୟ ଅଟେ । ଶେୁକରି ଯେଉଁଠାରେ ନୂତନ ନିୟମରେ ଲିଖିତ ମଣ୍ଡଳୀର ପଦ୍ଧତି ଅନୁସରଣ କରାଯାଏ, ସେଠାରେ ଈଶ୍ୱରଙ୍କ ମଣ୍ଡଳୀ ଦେଖିବାକୁ ମିଳେ ।

ସଦାପ୍ରଭୁ ସବୁ ସମୟରେ ଆପଣା ପ୍ରଜାମାନଙ୍କୁ ଆଦର୍ଶ ଅନୁସରଣ କରିବା ପାଇଁ ଏକ (Pattern) ଦେଇଛନ୍ତି । ସେ ନୋହଙ୍କୁ ଜାହାଜ ନିର୍ମାଣ ନିମନ୍ତେ ଗୋଟିଏ ଗୋଟିଏ ଆଦର୍ଶ (Pattern) ଓ ସମାଗମ ତମ୍ବୁର ନିର୍ମାଣ ନିମନ୍ତେ ମୋଶାଙ୍କୁ ଗୋଟିଏ ଆଦର୍ଶ ଦେଇଥିଲେ ଏବଂ ସତର୍କ ମଧ୍ୟ କରିଥିଲେ, "ସାବଧାନ ପର୍ବତରେ ତୁମ୍ଭମାନଙ୍କୁ ଯେଉଁ ଆଦର୍ଶ ଦେଖାଇ ଦିଆଯାଇଥିଲା, ତଦନୁଯାୟୀ ସମସ୍ତ ନିର୍ମାଣ କର (ଏବ୍ରୀ ୮:୫) ।" ନୋହଙ୍କ ଓ ମୋଶା ସେମାନଙ୍କୁ ଦିଆଯାଇଥିବା ଆଦର୍ଶ ଅନୁସରଣ କରିଥିଲେ ସେହିପରି ଆମ୍ଭମାନଙ୍କୁ ନୂତନ ନିୟମରେ ଲିଖିତ ମଣ୍ଡଳୀର ଆଦର୍ଶ ଅନୁସରଣ କରିବାକୁ ହେବ । ନୋହ ଓ ମୋଶା ଈଶ୍ୱରଙ୍କ ଆଜ୍ଞା ଅନୁଯାୟୀ କାର୍ଯ୍ୟ କରିଥିବାରୁ ଈଶ୍ୱର ସେମାନଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ । ସେହିପରି ଆମ୍ଭେମାନେ ଈଶ୍ୱରଙ୍କ ଆଦର୍ଶ, ବିନା ଯୋଗ ଓ ବିଯୋଗରେ (ପ୍ରେରିତ ୨୨:୧୮-୧୯)ରେ ଅନୁସରଣ କରି ଈଶ୍ୱରଙ୍କ ସନ୍ତୋଷର ପାତ୍ର ହେଉ ।

ମଣ୍ଡଳୀର ସମସ୍ତ ଚିହ୍ନ ନୂତନ ନିୟମରେ ପାଇପାରୁ । ଈଶ୍ୱର ଆମ୍ଭମାନଙ୍କୁ ଏହା କ'ଣ? ଏହା କିପରି କାହାଦ୍ୱାରା କେଉଁଠି ଓ କେବେ ସ୍ଥାପିତ ହୋଇଥିଲା । ଏହାର ନାମ କ'ଣ ହେବା ଦରକାର

ଏଥିର ସଭ୍ୟ ହେବାକୁ କ'ଣ କରିବାକୁ ହେବ, ଏହାର ଆରାଧନା ପଦ୍ଧତି ଓ ଏହାର କାର୍ଯ୍ୟ ବିଷୟରେ ନୂତନ ନିୟମରେ ସ୍ପଷ୍ଟ ଭାବରେ ପ୍ରକାଶ କରିଅଛନ୍ତି । ଏହାର ମସ୍ତକ କିଏ, ଏହାର କ୍ରୟ କ୍ରୟ ମୂଲ୍ୟ, ଏହାର ପରିତ୍ରାଣକର୍ତ୍ତା ବିଷୟରେ ମଧ୍ୟ କୁହାଯାଇଛି । ଏହା କ'ଣ ଓ ଏହାର କାର୍ଯ୍ୟ ବିଷୟରେ କୌଣସି ସନ୍ଦେହ ନାହିଁ । ଇଶ୍ୱରଙ୍କ ବାକ୍ୟ ପରି ଏହାର ଆଦର୍ଶ ମଧ୍ୟ ସ୍ୱଚ୍ଛ ଓ ସିଦ୍ଧ ଅଟେ ।

ଇଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ବାଇବଲର ପ୍ରକୃତ ମଣ୍ଡଳୀର ସନ୍ଧାନ ପାଇପାରିବୁ । ଆମେ ସତ୍ୟ ସତ୍ୟ ଜାଣି ଅନୁସରଣ କଲେ ଏହି ମଣ୍ଡଳୀର ସଭ୍ୟ ହୋଇପାରିବୁ । ଯାହା ପ୍ରକୃତରେ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ବୀଜ ସ୍ୱଜାତି ବୃକ୍ଷ ଓ ବୀଜ ଉତ୍ପାଦନ କରେ । ସେହିପରି ଇଶ୍ୱର ବାକ୍ୟ ନିରନ୍ତର ଖ୍ରୀଷ୍ଟିୟାନ ରୂପକ ଫଳ ଉତ୍ପାଦନ କରିଥାଏ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ପୃଥିବୀର କୋଣେ କୋଣେ ରହିଅଛି । ଏହା ଏଠି ଓ ସମସ୍ତ ପୃଥିବୀରେ ବ୍ୟାପି ରହିଅଛି, ବାଇବଲର ଶିକ୍ଷା ଯେଉଁମାନେ ଅନୁସରଣ କରନ୍ତି, ସେଠାରେ ଏହା ଦେଖିବାକୁ ମିଳେ । ପୃଥିବୀରେ ଯେଉଁମାନେ ଇଶ୍ୱରଙ୍କ ଆଦର୍ଶ ପାଳନ ନ କରନ୍ତି, ସେଠାରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥିତି ରହେ ନାହିଁ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଆଜି କେବଳ ଇଶ୍ୱରଙ୍କ ବାକ୍ୟ ଅନୁସରଣ କରିବା ଦ୍ୱାରା ବୃଦ୍ଧି ଓ ବ୍ୟାପି ଲାଭ କରିଅଛି । ଏହା ବିଭକ୍ତ ଅନୁଯୋଗ କରେ ଏବଂ ଖ୍ରୀଷ୍ଟଙ୍କୁ ଉନ୍ନତ କରେ, ଏହି ଏକ ମଣ୍ଡଳୀ ଆପଣମାନେ ବାଇବଲରେ ପାଇପାରିବେ । ଏହା ଖ୍ରୀଷ୍ଟିୟ ମତଶାଖା ଗୁଡ଼ିକର ସଂଗଠନ ନୁହେଁ । ଏହା ପ୍ରୋଟେଷ୍ଟାଣ୍ଟ (Protestant) କାଥିଲିକ୍ (Cathlic)



କିମ୍ବା Sectarian ନୁହେଁ, ତାହାହେଲେ ଏହା କ'ଣ ? ସରଳ ଭାବେ ଏହା ଇଶ୍ୱରଙ୍କ ମଣ୍ଡଳୀ ।

ଇଶ୍ୱରଙ୍କ ମଣ୍ଡଳୀର କୌଣସି ଜାଗତିକ ପ୍ରଧାନ ଅଧ୍ୟକ୍ଷ (Earyhly head) କିମ୍ବା ଜାଗତିକ ପ୍ରଧାନ କାର୍ଯ୍ୟାଳୟ (Earyhly head-quarter) ନାହିଁ, ଆମେ କୌଣସି ମନୁଷ୍ୟକୁ ଉନ୍ନତ ସ୍ଥାନ ଦେଇନାହୁଁ । ଜାଗତିକ ଜ୍ଞାନ ଦ୍ୱାରା ନିର୍ମିତ କୌଣସି ସଂସ୍ଥା ନାହିଁ, ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଆପଣା ଆପଣା ଅଧ୍ୟକ୍ଷ, କେବଳ, ପ୍ରଚାରକ ଶିକ୍ଷକ ଓ ସଭ୍ୟମାନଙ୍କ ଦ୍ୱାରା ଗଠିତ ବ କୌଣସି ମନୁଷ୍ୟକୁ ଅନ୍ୟମାନଙ୍କ ଠାରୁ ଉନ୍ନତ ସ୍ଥାନ ନାହିଁ, କାରଣ ଯାଜକ ଓ ସାଧାରଣ ପ୍ରଜା ବୋଲି କୌଣସି ପାର୍ଥକ୍ୟ ନାହିଁ ।

ଖ୍ରୀଷ୍ଟଙ୍କୁ ସବୁ ସମୟରେ ଶତ୍ରୁ ରହିଥିଲେ ଓ ଆଜି ମଧ୍ୟ ରହିଅଛନ୍ତି । ଅନ୍ୟାନ୍ୟ ସଂସ୍ଥା ଗୁଡିକ ଏହାର ବିରୁଦ୍ଧ ହୁଅନ୍ତି । କାରଣ ଆମ୍ଭେମାନେ ସେମାନଙ୍କ ନୀତି ନିୟମ ଅନୁସରଣ କରୁନାହିଁ ଓ ସେମାନଙ୍କ ସହଭାଗିତାରେ ରହିନାହିଁ । ସେମାନେ ଜାଣନ୍ତି ଯେ, ଆମ୍ଭେମାନେ କେବଳ ବାଇବଲ ଅନୁସରଣ କରୁଅଛୁ ଓ ସେମାନେ ମନୁଷ୍ୟ ଶିକ୍ଷା ଅନୁସରଣ କରୁଅଛନ୍ତି ଏବଂ ସେମାନେ ନାମ ଧାରଣ କରିଅଛନ୍ତି ଓ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନାମ ଧାରଣ କରିଅଛୁ । ସେମାନେ ଆମ୍ଭମାନଙ୍କ ବିରୁଦ୍ଧରେ ଅସତ୍ୟ ଓ ଭୂଲ ଧାରଣା ସୃଷ୍ଟି କରିଅଛନ୍ତି । କିନ୍ତୁ ସେମାନଙ୍କ ଶ୍ରମ ବୃଥା ।

ଇଶ୍ୱରଙ୍କ ମଣ୍ଡଳୀ ସବୁ ସମୟରେ ବିଜୟୀ ହୋଇ ଆସିଅଛି । ପୃଥିବୀର ସମସ୍ତ ଶତ୍ରୁମାନେ ଓ ନରକର ସମସ୍ତ ଅନ୍ଧକାର ଶକ୍ତି ଏହାକୁ

ବାଧା ଦେଇ ନପାରେ । ଏହି ଅଳ୍ପ ସଂଖ୍ୟକ ଲୋକେ ରକ୍ଷା ପାଇବେ (ମାଥିଉ ୭:୧୩-୧୪) । ଖ୍ରୀଷ୍ଟଙ୍କର କେବଳ ଏକମାତ୍ର ମଣ୍ଡଳୀ ରହିଅଛି ଓ ଏହି ମଣ୍ଡଳୀ ନିକଟକୁ ଫେରି ଆସିବେ (ଏଫିସୀୟ ୫:୨୭, ଯୋହନ ୧୪:୧-୬) । ସେ ରାଜ୍ୟର ରାଜା ଅଟନ୍ତି ଓ ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ (୧ମ କରନ୍ଥୀ ୧୫:୧୪) । ତାଙ୍କର କେବଳ ଏକମାତ୍ର କନ୍ୟା (bride) (ପ୍ରକାଶିତ ୨:୧୯) ଯେ କି ତାଙ୍କର ନାମ ଧାରଣ କରିଅଛି ତାକୁ ନେବାପାଇଁ ସେ ଆସୁଅଛନ୍ତି । ତେବେ ଅନ୍ୟମାନେ କ'ଣ ହେବେ ? ସେ କହିବେ, ସେ ତାହାକୁ କେବେ ହେଲେ ଜାଣନ୍ତି ନାହିଁ, ସେ ସେମାନଙ୍କୁ ଉତ୍ପାଦିତ କରିବେ (୧୫:୧୩) ।

ଆଜି ଆମ୍ଭେମାନେ ଶୁଦ୍ଧ ନୂତନ ନିୟମ ଖ୍ରୀଷ୍ଟିୟାନ ନିମନ୍ତେ ବିଜ୍ଞାପନ କରୁଅଛୁ । ଈଶ୍ୱରଙ୍କ ବାକ୍ୟକୁ ଫେରି ଆସନ୍ତୁ ଓ ଏହାହିଁ ଆମ୍ଭମାନଙ୍କ ଏକମାତ୍ର ପଥ ପ୍ରଦର୍ଶକ ହେଉ । ବାଇବଲ ବୁଝିଲେ ସତ୍ୟ ବୁଝି ପାରିବେ, ଏହାର ଅନୁସରଣ କଲେ ଈଶ୍ୱରଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇପାରିବେ ।

ଆପଣ ଯଦି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ନୁହନ୍ତି, ସଭ୍ୟ ହେବା ନିମନ୍ତେ ଆମ୍ଭେମାନେ ଆପଣଙ୍କୁ ଉତ୍ସାପିତ କରୁ । ଈଶ୍ୱରଙ୍କ ଠାରେ ବିଶ୍ୱାସ କରି ମନ ପରିବର୍ତ୍ତନ କର । ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରି ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିଜିତ ହୁଅ । (ମାର୍କ ୧୬:୧୬, ରୋମୀୟ ୧୦:୧୦, ପ୍ରେରିତ ୨:୩୮) । ତେବେ ଈଶ୍ୱର ଆପଣଙ୍କୁ ଆପଣ ମଣ୍ଡଳୀରେ ସଂଯୁକ୍ତ କରିବେ ଓ ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ ପାରିବେ (ପ୍ରେରିତ ୨:୪୭ ଓ ୧୧:୧୬) । ଆପଣ



ଫେରିବାରେ ଇଚ୍ଛୁକ କି ? ଆପଣଙ୍କୁ କେହି ବାଧ୍ୟ କରୁନାହିଁ । କିନ୍ତୁ ଆପଣ ଯଦି ବାଇବଲ ଧ୍ୟାନ କରିବେ, ଆମ୍ଭେମାନେ ବିଶ୍ୱାସ କରୁ ଯେ, ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ହେବା ନିମନ୍ତେ ଆକାଂକ୍ଷା କରିବେ ଏବଂ ବଳକା ଜୀବନ ଈଶ୍ୱରଙ୍କ ନିମନ୍ତେ ବିତାଇ ତାଙ୍କ ରାଜ୍ୟର ସୀମା ବ୍ୟାପି କରିବେ ।

**ପ୍ରଶ୍ନ :-**

**ଦୟାକରି ସଠିକ୍ ଉତ୍ତର ଦିଅନ୍ତୁ ।**

୧) କେବେ ମଣ୍ଡଳୀ ସ୍ଥାପିତ ହୋଇଥିଲା ।
୨) ମଣ୍ଡଳୀ ଆଜି ଅସ୍ତିତ୍ୱରେ ଅଛି କି ?
୩) ଖ୍ରୀଷ୍ଟଙ୍କ ମଣ୍ଡଳୀ ହିଁ ପ୍ରକୃତ ମଣ୍ଡଳୀ ବୋଲି ପ୍ରମାଣ କରିବା ପାଇଁ ଜଣକୁ ଇତିହାସ ସବୁ ଖୋଜିବା ଆବଶ୍ୟକ କି ?
୪) ଈଶ୍ୱର ତାହାଙ୍କ ରାଜ୍ୟ କେଉଁ ଯାଏଁ ରହିବ ବୋଲି କହିଥିଲେ ?
୫) ରାଜ୍ୟର ବୀଜ କ'ଣ ?
୬) ସେହି ବୀଜ ଏହି ସମୟରେ କ'ଣ ଉତ୍ପାଦନ କରିବ ?
୭) ଈଶ୍ୱର ନୋହ ଓ ମୋଶାଙ୍କୁ କ'ଣ ଦେଇଥିଲେ ?
୮) ଖ୍ରୀଷ୍ଟଙ୍କ ମଣ୍ଡଳୀର ଆଦର୍ଶ (Pattern) କେଉଁଠି ପାଇ ପାରିବ ?
୯) ଖ୍ରୀଷ୍ଟଙ୍କ ମଣ୍ଡଳୀର ରୂପରେଖା କେଉଁଠି ପାଇପାରିବା ?
୧୦) ମଣ୍ଡଳୀ ବିଷୟରେ ଈଶ୍ୱର କ'ଣ କହନ୍ତି ?
୧୧) ବାଇବଲରେ ଥିବା ପ୍ରକୃତ ମଣ୍ଡଳୀ ବିଷୟରେ କିପରି ଜାଣିପାରିବା ?
୧୨) ଆଜି ଖ୍ରୀଷ୍ଟଙ୍କ ମଣ୍ଡଳୀ କେଉଁଠି ଦେଖିବାକୁ ମିଳେ ?

୧୩) ଏହି ମଣ୍ଡଳୀ କି ଖ୍ରୀଷ୍ଟିୟ ମତଶାଖା(denomination) ଅନ୍ତର୍ଗତ ?

୧୪) ଏହାର ଜାଗତିକ ପ୍ରଧାନ ଅଧ୍ୟକ୍ଷ କିମ୍ବା ପ୍ରଧାନ କାର୍ଯ୍ୟାଳୟ ରହିଅଛି କି ?

୧୫) କିଏ ମଣ୍ଡଳୀର ଶତ୍ରୁ ?

୧୬) ସେମାନଙ୍କ ଅସ୍ତ୍ର କ'ଣ ?

୧୭) ସବୁ ସମୟରେ ମଣ୍ଡଳୀ କି ବିଜୟ ଲାଭ କରିଅଛି ?

୧୮) ଖ୍ରୀଷ୍ଟ କାହିଁକି ପୁଣି ଆସିବେ ?

୧୯) ଆମ୍ଭମାନଙ୍କ ବିଜ୍ଞାପନା କ'ଣ ?

୨୦) ଖ୍ରୀଷ୍ଟିୟାନ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବାର ପାହାଚ ଗୁଡ଼ିକ କ'ଣ ?

**ଠିକ୍ ଭୁଲ ଲେଖନ୍ତୁ ।**

୧) ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ଏବେ ମଧ୍ୟ ବିଦ୍ୟମାନ ।

୨) ଏହା କେବଳ ଏକମାତ୍ର ମଣ୍ଡଳୀ ରହିଅଛି ।

୩) ଏହା ଖ୍ରୀଷ୍ଟଙ୍କ ନାମ ଧାରଣ କରେ ।

୪) ପରିତ୍ରାଣ ପ୍ରାପ୍ତି ନିମନ୍ତେ ଜଣକୁ ଏହାର ସଭ୍ୟ ହେବାକୁ ହେବ ।

୫) ଖ୍ରୀଷ୍ଟ ଆପଣା ମଣ୍ଡଳୀ ନିମନ୍ତେ ଫେରି ଆସୁଅଛନ୍ତି ।

❖❖❖